RNI No.ODIODI/2010/33031
୧୭ ବର୍ଷ Volume-17
ISSUE -38 ସଂଖ୍ୟା-୩୮
ଭୁବନେଶ୍ୱର, ଗୁରୁବାର ୧୬ ଏପ୍ରିଲ୍ ୨୦୨୬
Bhubaneswar, Thursday 16 April, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଉଦ୍ୟମ ଓ ଇଛାଶକ୍ତି ଥିଲେ ମହିଳାମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୪(ନି.ପ୍ର.): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନ ଜଣାଇ ଗତ ୧୨ ବର୍ଷ ମଧ୍ୟରେ ମହିଳାଙ୍କ ବିକାଶ ପାଇଁ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଛନ୍ତି। କିନ୍ତୁ, ସବୁଠାରୁ ବୈପ୍ଳବିକ ନିଷ୍ପତି ହେଉଛି ୨୦୨୩ ମସିହାର ନାରୀ ଶକ୍ତି ବନ୍ଦନ ଅଧିନିୟମ। ଯାହା ସ୍ୱାଧୀନତୋର ଭାରତରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ସବୁଠାରୁ ବଡ ପଦକ୍ଷେପ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଆୟୋଜିତ ନାରୀଶକ୍ତି ବନ୍ଦନ ଟାଉନ ହଲ୍ ମିଟିଂ ଅବସରରେ କହିଛନ୍ତି।

ଭୁବନେଶ୍ୱର ରେଳ ଅଡିଟୋରିଅମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ କେବଳ ଏକ ଆଇନ୍ ନୁହେଁ, ବରଂ କୋଟି କୋଟି ମହିଳାଙ୍କ ସ୍ୱପ୍ନର ଉଡାଣ। ଏହି ଅଧିନିୟମ ଦ୍ୱାରା ଲୋକସଭା ଓ ବିଧାନସଭା ଗୁଡିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ସୁନିଶ୍ଚିତ ହୋଇଛି। ଇତିହାସ ଜାଣିଛି, ଯେତେବେଳେ ଜଣେ ନେତୃତ୍ୱ ନିଅନ୍ତି, ସେତେବେଳେ ସେ ନିଜେ ସଶକ୍ତ ହେବା ସହିତ ସମଗ୍ର ସମାଜ ଓ ରାଷ୍ଟ୍ର ଉପକୃତ ହୋଇଥାଏ। ଭାରତୀୟ ଗଣତନ୍ତ୍ରରେ ଆଜି ମହିଳାମାନେ କେବଳ ଭୋଟର ନୁହନ୍ତି ବରଂ ସକ୍ରିୟ ଭାଗିଦାର ହୋଇଛନ୍ତି। ଆମ ଓଡିଶାରେ ତୃଣମୂଳସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଞ୍ଚାୟତରାଜ ଅନୁଷ୍ଠାନ ମାନଙ୍କରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟକରି ଦକ୍ଷତା ପ୍ରମାଣିତ କରିଛନ୍ତି। ତେଣୁ, ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ପଦକ୍ଷେପ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ ହେବାକୁ ସହାୟକ ହେବ। ଆଗାମୀ ଦିନରେ ଏହି ଅଧିନିୟମ ମାଧ୍ୟମରେ ମହିଳାଙ୍କ ପ୍ରତିନିଧିତ୍ୱ ଆହୁରି ବ୍ୟାପକ ହେବ। ଏହି ଅଧିନିୟମ ମହିଳା ବିକାଶ କ୍ଷେତ୍ରରେ ମୋଦୀଜୀଙ୍କ ପ୍ରତିବଦ୍ଧତାର ଉଦାହରଣ ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ, ବିକଶିତ ଭାରତ ପାଇଁ ସମୃଦ୍ଧ ଓଡିଶା ଗଠନ ହେଉଛି ଆମର ମୁଖ୍ୟ ଲକ୍ଷ୍ୟ। ଏହି ଯାତ୍ରାରେ ଓଡିଶାର ମା ଓ ଭଉଣୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହିତ ଆତ୍ମ ନିର୍ଭର କରିବା ପାଇଁ ଆମେ ଆରମ୍ଭ କରିଛୁ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା। ସୁଭଦ୍ରା ଠାରୁ ଆରମ୍ଭ କରି ଲକ୍ଷପତି ଦିଦି ପର୍ଯ୍ୟନ୍ତ ଏହି ଯାତ୍ରା ଓଡିଶାର ପ୍ରତିଟି ଘରେ ସମୃଦ୍ଧି ଆଣିବ।

ଉପସ୍ଥିତ ମାତୃଶକ୍ତିଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଆମ ସମାଜ, ରାଜ୍ୟ ତଥା ଦେଶରେ ମହିଳା ମାନେ ସବୁ କ୍ଷେତ୍ରରେ ଆଗକୁ ବଢିଲେଣି। ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ମହିଳା ମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ ବୋଲି ସେ କହିଥିଲେ। ସେ କହିଥିଲେ, ଗାଁର ସାଧାରଣ ମହିଳା ଯେତେବେଳେ ଡିଜିଟାଲ ବ୍ୟାଙ୍କିଙ୍ଗ ଓ ଆଧୁନିକ କୃଷି କରନ୍ତି, ସେତେବେଳେ ହିଁ ପ୍ରକୃତ ବିକାଶ ହୋଇଥାଏ। ସେଥିପାଇଁ ଆମର ଲକ୍ଷ୍ୟ ରହିଛି ଓଡିଶାର ପ୍ରତିଟି ମାଙ୍କୁ ଲକ୍ଷପତି ଦିଦି ଭାବେ ଗଢି ତୋଳିବା।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ବିକଶିତ ରାଷ୍ଟ୍ର ଗୁଡିକରେ ମହିଳା ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଭାଗିଦାରୀ ଖୁବ୍ ଅଧିକ ରହିଛି। ତେଣୁ, ନାରୀ ଶକ୍ତିର ବିକାଶ ହେଉଛି ବିକାଶର ଏକ ମୁଖ୍ୟ ଆଧାର। ନାରୀ ଶକ୍ତିର ଉନ୍ନତି ପାଇଁ ଏବେ ସାରା ଭାରତ ଆଗେଇ ଆସିଛି। ଭାରତୀୟ ନାରୀ ଆଜି ସମସ୍ତ କ୍ଷେତ୍ରରେ ପ୍ରତିନିଧିତ୍ୱ କରୁଛନ୍ତି। ଯୁଦ୍ଧ କ୍ଷେତ୍ରରେ ମଧ୍ୟ। ଅପରେସନ ସିନ୍ଦୁର ତା'ର ଜ୍ୱଳନ୍ତ ପ୍ରମାଣ। ବର୍ତ୍ତମାନ ସମୟ ଆସିଛି, ବିଧାନସଭା ଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ନାରୀ ଶକ୍ତିର ନେତୃତ୍ୱକୁ ଆମକୁ ସ୍ୱୀକାର କରିବାକୁ ପଡିବ। ଏଥିପାଇଁ ସମସ୍ତେ ଆଗେଇ ଆସି ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ଅକୁଣ୍ଠ ସମର୍ଥନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ।

କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଥିଲେ ଯେ, ବିଧାନସଭା ଓ ସଂସଦରେ ମଧ୍ୟ ମହିଳା ପ୍ରତିନିଧିତ୍ୱ ସମାନ ଭାବେ ପ୍ରତିଫଳିତ ହେବା ଉଚିତ୍। ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀକୁ ସମ୍ମାନ ଦେଇ ଏହି ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଉଚିତ୍।

ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ କହିଥିଲେ ଯେ, ମହିଳାଙ୍କ ସମ୍ମାନ, ସମତା, ନେତୃତ୍ୱ ଓ ସ୍ୱାଭିମାନ ପାଇଁ ମହିଳା ମାନଙ୍କୁ ପାର୍ଲାମେଣ୍ଟରେ ବସିବାର ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ଏହି ଅଧିନିୟମ ବଳରେ ବର୍ତ୍ତମାନ ପଞ୍ଚାୟତରୁ ପାର୍ଲାମେଣ୍ଟ ଯିବା ସହଜ ହେବ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ହେଉ କିମ୍ବା ଖୁସି ସ୍କିମ୍ ହେଉ, ଏ ସବୁ ଯୋଜନା ମାଧ୍ୟମରେ ମା' ଗର୍ଭରୁ ମହିଳା ସଶକ୍ତ କରଣର ଦାୟିତ୍ୱ ପ୍ରଧାନମନ୍ତ୍ରୀ ନେଇଛନ୍ତି। ସେ କହିଥିଲେ ନାରୀ ଶକ୍ତି ବଦଳୁଥିବା ଭାରତର ନେତୃତ୍ୱ ନେବା ପାଇଁ ଆଗେଇ ଆସୁଥିବା ବେଳେ ଓଡିଶା ହେଉଛି ନାରୀ ସଶକ୍ତିକରଣର ବେଷ୍ଟ ମଡେଲ। ତେଣୁ ଆମେ କେବଳ ମହିଳା ହିତାଧିକାରୀ ନୁହେଁ, ମହିଳା ଭାଗିଦାରୀ ଚାହୁଁଛୁ।

ବିଶିଷ୍ଟ ସାହିତ୍ୟିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ କହିଥିଲେ ଯେ, ନାରୀ ଆବଶ୍ୟକସ୍ଥଳେ ଲକ୍ଷ୍ମୀ, ଦୁର୍ଗା ଅଥବା କାଳୀଙ୍କ ସ୍ୱରୂପିଣୀ। ନାରୀ କେବେହେଲେ ଯୁଦ୍ଧ ଚାହେଁ ନାହିଁ, ନାରୀ ଚାହେଁ ଶାନ୍ତି। ତେଣୁ ପ୍ରତ୍ୟେକ ଗୃହରେ ଯଦି ନାରୀଶକ୍ତି ବନ୍ଦନ ହୁଏ, ତେବେ ପୃଥିବୀର ଭାଗ୍ୟ ବଦଳିଯିବ। ଓଡିଶାରେ ନାରୀ ଶକ୍ତିଙ୍କୁ ଉପଯୁକ୍ତ ସମ୍ମାନ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଉପସ୍ଥିତ ନାରୀ ଶକ୍ତିଙ୍କୁ ନିଜ ଭିତରେ ଥିବା ଆତ୍ମ ଶକ୍ତିର ସନ୍ଧାନ କରି ତାର ବିକାଶ କରିବାକୁ ଆହ୍ୱାନ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ବିଶିଷ୍ଟ କ୍ରୀଡାବିତ୍ ଶ୍ରୀମତୀ ଅନୁରାଧା ବିଶ୍ୱାଳ, ଖ୍ୟାତନାମା ଓଡିଶୀ ନୃତ୍ୟଶିଳ୍ପୀ ତଥା ଗୁରୁ ଡକ୍ଟର ଅରୁଣା ମହାନ୍ତି ପ୍ରମୁଖ ନାରୀ ସଶକ୍ତିକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ଏହି ମହତ୍ତ୍ୱକାଂକ୍ଷୀ ଅଧିନିୟମକୁ ଯୁଗୋପଯୋଗୀ ବୋଲି ଦର୍ଶାଇଥିଲେ।

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ମୃଣାଳିନୀ ଦରସ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ।




## ଜେଲରେ କଏଦୀଙ୍କ ମୃତ୍ୟୁ ଅଭିଯୋଗ


ଫୁଲବାଣୀ,୧୫।୪: ଫୁଲବାଣୀ ଜିଲ୍ଲା କାରାଗାରରେ ଆଜି ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ହେରାନ ବେହେରା। ତାଙ୍କ ଘର ଫୁଲବାଣୀ ଟାଉନ ଥାନା ପେଞ୍ଜିସାହିରେ। ହେରାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ ଗତକାଲି ଟାଉନ ଥାନା ପୁଲିସ ତାଙ୍କୁ ଘରୁ ଉଠାଇ ନେଇ ପ୍ରବଳ ପିଟିଥିଲା। ତା'ପରେ କୋର୍ଟ ଚାଲାଣ କରିଥିଲା। ସେଠାରୁ ତାକୁ ଜେଲ ପଠାଇ ଦିଆଯାଇଥିଲା। ପୁଲିସ୍ ମାଡରେ ତାଙ୍କର ମୃତ୍ୟୁ ଘଟିଛି।

ଏହା ସହିତ ମୃତ ହେରାନ ବେହେରାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ତାଙ୍କ ପରିବାର ଲୋକେ କନ୍ଧମାଳ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଫୁଲବାଣୀ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ ମୃତ ହେରାନଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଯୁବକ ଜଣଙ୍କ ନିଶା ସେବନ କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୁଲିସ ତାଙ୍କୁ ଏକ ଚୋରି ମାମଲାରେ ଗିରଫ କରିଥିଲା। ତାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଆଜି ସେ ଜେଲ୍‌ରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ରାଜଧାନୀରୁ ଛାତ୍ରୀ ନିଖୋଜ

ଭୁବନେଶ୍ୱର,୧୫।୪(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଜଣେ ୧୫ ବର୍ଷର ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଦୁଇ ଦିନ ହେଲାଣି ସେ ନିଖୋଜ ଥିବା ବେଳେ ନୟାପଲ୍ଲୀ ଥାନା ପୁଲିସ ଏଯାଏ ତାଙ୍କୁ ଉଦ୍ଧାର କରିପାରିନାହିଁ।ନିଖୋଜ ଛାତ୍ରୀଙ୍କ ନାଁ ମାମାଲି ସାହୁ। ତାଙ୍କ ପରିବାର ଡେଲ୍‌ଟା ସ୍ଥିତ ପାଇକ ନଗରର ଜଳେଶ୍ୱର ବସ୍ତିରେ ରହନ୍ତି। ତାଙ୍କ ବାପା ଜଣେ ରଙ୍ଗ ମିସ୍ତ୍ରୀ। ତାଙ୍କ ମା' ବି କାମ କରନ୍ତି। ୧୩ ତାରିଖରେ ଛାତ୍ରୀ ଜଣଙ୍କ ନିଖୋଜ ହୋଇଛନ୍ତି। ସେଦିନ ସେ ଟ୍ୟୁସନ ଯିବା ବେଳେ ବାପାମା' ଘରେ ନଥିଲେ। ସେମାନେ ନିଜ ନିଜ କାମକୁ ଯାଇଥିଲେ।ନିଖୋଜ ଛାତ୍ରୀଙ୍କ ସାଇକେଲ୍ ଓ ବ୍ୟାଗ୍ ଟ୍ୟୁସନ ସେଣ୍ଟର ପାଖରୁ ମିଳିଛି। କିନ୍ତୁ ସେ ସେଦିନ ଟ୍ୟୁସନ କ୍ଲାସକୁ ଆସି ନଥିବା କହିଛନ୍ତି ଶିକ୍ଷକ।



ନିଖୋଜ ଛାତ୍ରୀଙ୍କ ବାପା କହିଛନ୍ତି, ଘଟଣା ଦିନ ଆମେ କେହି ଘରେ ନଥିବା ବେଳେ ଝିଅ ତା' ମା'କୁ ଫୋନ୍ କରି ଆଲମିରା ଚାବି କେଉଁଠି ଅଛି ବୋଲି ପଚାରିଥିଲା। କିନ୍ତୁ ଘରେ ସବୁ ଜିନିଷ ଅଛି। ଝିଅ କିଛି ନେଇ ନାହିଁ। ଟ୍ୟୁସନ ସେଣ୍ଟର ପାଖରୁ ତା' ସାଇକେଲ ଓ ବ୍ୟାଗ୍ ମିଳିଛି। କିନ୍ତୁ ସାର କହୁଛନ୍ତି ସେ ସେଦିନ ଟ୍ୟୁସନ ଆସିନାହିଁ। ଝିଅକୁ ଖୋଜି ବାହାର କରିବାକୁ ଆମେ ପୁଲିସକୁ ଅନୁରୋଧ କରିଛୁ।ପୁଲିସ ଏହି ଘଟଣାର ତଦନ୍ତ କରୁଥିବା ବେଳେ ବିଭିନ୍ନ ଜାଗାରେ ଚଢ଼ାଉ କରିଛି। କିନ୍ତୁ ଦୁଇ ଦିନ ହେଲାଣି ପୁଲିସକୁ ସଫଳତା ମିଳିନି। ନିଖୋଜ ଛାତ୍ରୀଙ୍କ ସଂପର୍କରେ ସୂଚନା ଦେଲେ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ପୁଲିସ ପକ୍ଷରୁ ଘୋଷଣା କରାଯାଇଛି।ପୁଲିସର ସୂଚନା ଅନୁଯାୟୀ, ନିଖୋଜ ଛାତ୍ରୀ ଜଣଙ୍କ ଘଟଣା ଦିନ ସନ୍ଧ୍ୟା ସା ୫ଟାରେ ଡେଲ୍‌ଟା ଛକରୁ ବାହାରି ଥିଲେ। ସେ ଫାୟାର ଷ୍ଟେସନ ଛକ ସ୍ଥିତ ତାଙ୍କ କୋଚିଂ ସେଣ୍ଟରରେ ପହଞ୍ଚିଥିଲେ। ସେଠାରେ ସାଇକେଲ ଓ ବ୍ୟାଗ୍ ଛାଡି ଦେଇଥିଲେ। ତା'ପରେ ସେ ଚାଲି ଚାଲି ବରମୁଣ୍ଡା ଆଡକୁ ଯାଇଥିଲା। ଶେଷଥର ପାଇଁ ତାଙ୍କୁ ବରମୁଣ୍ଡା ଆଡକୁ ଚାଲି ଚାଲି ଯିବାର ଦେଖିବାକୁ ମିଳିଛି।

### ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ

## ଦେଶରେ ଛାତ୍ରଙ୍କୁ ପଛରେ ପକାଇଲେ ଛାତ୍ରୀ

ଭୁବନେଶ୍ୱର୧୫।୪(ନି.ପ୍ର): ଆଜି ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକଣ୍ଡାରି ଏଜୁକେସନ୍ (ସିବିଏସ୍)ଇର ୧୦ମ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଛାତ୍ରଛାତ୍ରୀମାନେ ନିଜର ପରୀକ୍ଷା ଫଳ cbse.gov.in, results.cbse.nic.in ରେ ଦେଖିପାରିବେ। ଏହା ବ୍ୟତୀତ ଡିଜିଲକର ଓ ଓମଙ୍ଗ ଆପ୍‌ରେ ମଧ୍ୟ ନିଜର ପରୀକ୍ଷା ଫଳ ଦେଖିପାରିବେ।

ସୂଚନାଯୋଗ୍ୟ, ଚଳିତ ବର୍ଷ (୨୦୨୫-୨୬)ରେ ୧୭ ଫେବୃଆରି ୨୭ ଫେବୃଆରି ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଦେଶର ୮୦୭୫ଟି ପରୀକ୍ଷା କେନ୍ଦ୍ରରେ ୨୫ଲକ୍ଷ ୮ହଜାର ୩୧୯ଜଣ ଛାତ୍ରଛାତ୍ରୀ ସିବିଏସ୍‌ଇ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ଲକ୍ଷ ୮ହଜାର ୫୪୬ଜଣ ଛାତ୍ର ଓ ୧୦ଲକ୍ଷ ୯୯ ହଜାର ୭୭୩ଜଣ ଛାତ୍ରୀ ଥିଲେ। ତେବେ ୨୪ଲକ୍ଷ ୭୧ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁଁ କତାର, ୟୁଏଇ, ଓମାନ୍ ଆଦି ମଧ୍ୟପ୍ରାଚ୍ୟ ଦେଶରେ ସିବିଏସ୍‌ଇ ପରୀକ୍ଷା ସ୍ଥଗିତ ରହିଥିଲା। ପ୍ରାୟ ୭ଲକ୍ଷ ଶିକ୍ଷକ ଖାତା ଦେଖା ଓ ୪୬ହଜାର ମୁଖ୍ୟ ପରୀକ୍ଷକ ଭାବେ ନିୟୋଜିତ ହୋଇଥିଲେ।



୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ନିମନ୍ତେ ସର୍ବନିମ୍ନ ହାରାହାରି ୩୩ ପ୍ରତିଶତ ନମ୍ବର ରଖିବା ଆବଶ୍ୟକ। ଯେଉଁମାନେ ଏହି ନମ୍ବର ଆଣିବାରେ ବିଫଳ ହୋଇଛନ୍ତି ସେମାନଙ୍କୁ କମ୍ପାର୍ଟମେଣ୍ଟ୍ ପରୀକ୍ଷା ଦେବାକୁ ପୁଣିଥରେ ସୁଯୋଗ ଦିଆଯିବ। ଚଳିତ ବର୍ଷ ସିବିଏସ୍‌ଇ ଅନୁଦିତ ସ୍କୁଲ୍‌ଗୁଡିକରେ ୯୯.୧୦% ପ୍ରତିଶତ ରହିଛି। ୨୦୨୫ରେ ଏହା ୯୮.୫୭% ରହିଥିଲା। ସ୍ୱାଧୀନ ସିବିଏସ୍‌ଇ ସ୍କୁଲଗୁଡିକରେ ପାସ୍‌ହାର ୯୩.୭୭ ପ୍ରତିଶତ ରହିଥିବା ବେଳେ ସରକାରୀ ସ୍କୁଲ୍‌ଗୁଡିକରେ ପାସ୍‌ହାର ୯୧.୪୩ ପ୍ରତିଶତ ରହିଛି। ସରକାରୀ ସହାୟତା (ଏଡ଼ଡ) ସ୍କୁଲ୍‌ଗୁଡିକରେ ଏହା ୯୧.୦୧% ପ୍ରତିଶତ ରହିଛି। ସର୍ବାଧିକ ପାସ୍ ହାର ଥିବା ଜିଲ୍ଲାଗୁଡିକରେ ତ୍ରିଭେନ୍ଦ୍ରମ୍ (କେରଳ) ୯୯.୭୯%, ବିଜୟୱାଡା (ଆନ୍ଧ୍ରପ୍ରଦେଶ) ୯୯.୭୯%, ଚେନ୍ନାଇ (ତାମିଲନାଡୁ) ୯୯.୫୮%, ବେଙ୍ଗାଲୁରୁ (କର୍ଣ୍ଣାଟକ) ୯୮.୯୧% ରହିଛି।

ୱାସିଂଟନ ଯିବେ ଭାରତୀୟ ପ୍ରତିନିଧି ଭାରତ ଓ ଆମେରିକା ମଧ୍ୟରେ ଅଟକି ରହିଥିବା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ପୁନର୍ବାର ଆରମ୍ଭ ହେବ। ଆସନ୍ତା ସପ୍ତାହରେ ଏକ ଉଚ୍ଚସ୍ତରୀୟ କେନ୍ଦ୍ର ସରକାରଙ୍କ ପ୍ରତିନିଧିମଣ୍ଡଳ ୱାସିଂଟନ ଯାତ୍ରା କରିବେ।


## ୱାସିଂଟନ ଯିବେ ଭାରତୀୟ ପ୍ରତିନିଧି

ନୂଆଦିଲ୍ଲୀ,୧୫।୪: ଭାରତ ଓ ଆମେରିକା ମଧ୍ୟରେ ଅଟକି ରହିଥିବା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ପୁନର୍ବାର ଆରମ୍ଭ ହେବ। ଆସନ୍ତା ସପ୍ତାହରେ ଏକ ଉଚ୍ଚସ୍ତରୀୟ କେନ୍ଦ୍ର ସରକାରଙ୍କ ପ୍ରତିନିଧିମଣ୍ଡଳ ୱାସିଂଟନ ଯାତ୍ରା କରିବେ। ଏହିଗସ୍ତ ଏପରି ଏକ ସମୟରେ ହେଉଛି ଯେତେବେଳେ ଆମେରିକାର ଶୁଳ୍କ ନିୟମ ଓ କୋର୍ଟଙ୍କ ରାୟ ପରେ ସୃଷ୍ଟି ହୋଇଥିବା ସ୍ଥିତି ଉପରେ ସମସ୍ତଙ୍କ ନଜର ରହିଛି। ଆସନ୍ତା ସପ୍ତାହର ଆଲୋଚନା କେବଳ ଶୁଳ୍କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ଆସନ୍ତା ସପ୍ତାହର ଆଲୋଚନା କେବଳ ଶୁଳ୍କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟର ଧାରା ୩୦୧ ଅଧୀନରେ ଦୁଇଟି ତଦନ୍ତ ଆରମ୍ଭ କରିଛି। ଭାରତ ସମେତ ୬୦ଟି ଦେଶ ବିରୋଧରେ ଏହି ତଦନ୍ତସେତ କରାଯାଉଛି। ବିଷୟରେ ମଧ୍ୟ ଆଲୋଚନା ହେବ। ୱାସିଂଟନ ବୈଠକରେ ଭାରତୀୟ ଅଧିକାରୀମାନେ ନୂତନ ଶୁଳ୍କ ଗଠନ ଉପରେ ସ୍ପଷ୍ଟତା ଖୋଜିବେ। ପରିବର୍ତ୍ତିତ ପରିସ୍ଥିତିରେ ମଧ୍ୟ ରପ୍ତାନିକାରୀଙ୍କ ସ୍ୱାର୍ଥ ସୁରକ୍ଷିତ ରହିବାକୁ ଭାରତ ଚେଷ୍ଟା କରିବ।

## ନରରାକ୍ଷସ ଆୟନ ଅହମ୍ମଦ : ୧୮୦ ନାବାଳିକାଙ୍କୁ ଯୌନ ଉତ୍ପୀଡନ, ୩୫୦ ଅଶ୍ଳୀଳ ଭିଡିଓ

ଅମରାବତୀ,୧୫।୪: ବୟସ ମାତ୍ର ୧୯। ହେଲେ କାମ କୌଣସି ପେଶାଦାର ଅପରାଧ ଠାରୁ କମ ନୁହେଁ। ଏହି ୧୯ ବର୍ଷୀୟ ନରରାକ୍ଷସ ଚଳାଇଥିବା ଭୟଙ୍କର କାଣ୍ଡର ପର୍ଦ୍ଦାଫାସ ହୋଇଛି। ନିଜର ନିରୀହ ଚେହେରାକୁ ଦେଖାଇ ସେ ୧୮୦ରୁ ଅଧିକ ନାବାଳିକାଙ୍କୁ ଦେଇଛି ଯୌନ ନିର୍ଯାତନା। ୩୫୦ରୁ ଅଧିକ ଅଶ୍ଳୀଳ ଭିଡିଓ ତିଆରି କରି ସେମାନଙ୍କୁ କରୁଥିଲା ବ୍ଲାକମେଲ।ଦୀର୍ଘ ସମୟ ଧରି କିଶୋର ଜଣକ ଏପରି ରାକେଟ ଚଳାଇଥିବା ବେଳେ ତା'କୁ ମହାରାଷ୍ଟ୍ର ପୁଲିସ୍ ଅମରାବତୀରୁ ଗିରଫ କରିଛି। ଏହି ଯୁବକ ଜଣକ ନାବାଳିକାମାନଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ କରି ଏହାକୁ ଭାଇରାଲ କରୁଥିଲା। ସେ ଗିରଫ ହେବା ପରେ ବିଭିନ୍ନ ମହଲରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି। ରାଜନୀତିକ ବୟାନବାଜୀ ମଧ୍ୟ ତୀବ୍ର ହୋଇଛି। କିଛି ସ୍ଥାନୀୟ ସଂଗଠନ ଅଭିଯୋଗ କରିଛନ୍ତି ଯେ ଅଭିଯୁକ୍ତ ଆୟନ ଅହମଦ ତନବୀରର ରାଜନୀତିକ ଲିଙ୍କ ରହିଛି। ପୂର୍ବରୁ ସେ ହାଇଦ୍ରାବାଦ ସାଂସଦ ଅସାଦୁଦ୍ଦିନ ଓୱେସୀଙ୍କ ଏଆଇଏମଆଇଏମ ସହ ଜଡିତ ହୋଇ ରହିଥିଲା।ସେ ୧୮୦ ଜଣ ନାବାଳିକାଙ୍କୁ ଟାର୍ଗେଟ କରିଥିବା ବେଳେ ୩୫୦ରୁ ଅଧିକ ଆପତ୍ତିଜନକ ଭିଡିଓ ରେକର୍ଡ କରିଛି। ହେଲେ ପୁଲିସ୍ ତା'ର ଶିକାର ବନିଥିବା କେବଳ ୮ ଜଣଙ୍କୁ ଏଯାଏ ଚିହ୍ନଟ କରିପାରିଛି।

ଅମରାବତୀର ପାରାଟୱାଡା ଅଞ୍ଚଳରେ ତନବୀର ନିଜର କାଣ୍ଡ କାରନାମା ଚଳାଇଥିବା ଖବର ମିଳିବା ପରେ ଅମରାବତୀର ଗ୍ରାମାଞ୍ଚଳ ପୁଲିସ୍ ପ୍ରଥମେ ତା'କୁ ଉଠାଇ ନେଇଥିଲା। ଏହାପରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୪ ସମେତ ପୋକସୋ ଓ ଆଇଟି ଆକ୍ଟରେ ମାମଲା ରୁଜୁ କରି ତା'କୁ ଗିରଫ କରାଯାଇଛି। ଗିରଫ ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାକୁ ପୁଲିସ୍ ତା'କୁ ଏପ୍ରିଲ ୨୧ ଯାଏ ରିମାଣ୍ଡରେ ଆଣିଛି।ପୁଲିସ୍ ତା' ମୋବାଇଲ ଫୋନକୁ ଜବତ କରିବା ସହ ଏକାଧିକ ଆପତ୍ତିଜନକ ଭିଡିଓକୁ ଠାବ କରିଛି। ଫରେନ୍ସିକ ଟିମ ଡିଲିଟ ହୋଇଥିବା ଆଉ କିଛି ଅତିରିକ୍ତ ତଥ୍ୟକୁ ମଧ୍ୟ ବାହାର କରିବାକୁ ଲାଗି ପଡିଛି।



ପୁଲିସ୍ ତଦନ୍ତରୁ ଜଣାପଡିଛି ଯେ ତନବୀର ପ୍ରଥମେ ନାବାଳିକାମାନଙ୍କ ସହ ବନ୍ଧୁତା କରୁଥିଲା, ସେମାନଙ୍କ ବିଶ୍ୱାସ ଜିତୁଥିଲା ଓ ପ୍ରଲୋଭିତ କରି ସେମାନଙ୍କ ସହ ସମ୍ପର୍କ ରଖୁଥିଲା। ନାବାଳିକାମାନଙ୍କୁ ନିଜ ଜାଲରେ ଫସାଇବା ପରେ ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିଲା ଓ ସେମାନଙ୍କ ବିନା ଅନୁମତିରେ ଆପତ୍ତିଜନକ ଭିଡିଓ ରେକର୍ଡ କରୁଥିଲା। ପରବର୍ତ୍ତୀ ଅବସ୍ଥାରେ ସେହି ଭିଡିଓଗୁଡିକୁ ଦେଖାଇ ସେ ସମସ୍ତଙ୍କୁ ଡରାଉଥିବା ଓ ବ୍ଲାକମେଲ କରି ନିଜ କାମ ହାସଲ କରୁଥିଲା। ତନବୀର ଅନେକ ନାବାଳିକାଙ୍କ ସହ ଏପରି କାଣ୍ଡ ଘଟାଇଥିବା ବେଳେ ପୁଲିସ୍ କେବଳ ୮ ଜଣଙ୍କୁ ହିଁ ଚିହ୍ନଟ କରିପାରିଛି। ଏବେ ଘଟଣାର ତଦନ୍ତ ଜୋରଦାର ହେଉଥିବାରୁ ଆଗକୁ ତନବୀର ବିରୋଧରେ ଅନେକ ପୀଡିତା ମୁହଁ ଖୋଲିବାର ସମ୍ଭାବନା ରହିଛି।

ତଦନ୍ତରୁ ଜଣାପଡିଛି ଯେ ହ୍ୱାଟସଆପ ଓ ସ୍ନାପ ଚାଟରେ ରେ ମିଠାମିଠା କଥା କହି ନାବାଳିକାମାନଙ୍କୁ କରୁଥିଲା ଟାର୍ଗେଟ। ଆଉ ଝିଅମାନେ ଥରେ ଫସିଗଲେ ଦିଲ୍ଲୀ, ମୁମ୍ବାଇ ଭଳି ବଡ଼ବଡ଼ ସହର ବୁଲାଇନେବାକୁ ଦେଉଥିଲା ଅଫର। ବାଳିକାମାନେ ରାଜି ହେବାପରେ ଏହି ଦୁର୍ଦ୍ଦାନ୍ତ ଅପରାଧୀ ଖେଳୁଥିଲା ସାଂଘାତିକ ଗେମ୍। ବିଭିନ୍ନ ସ୍ଥାନକୁ ନେଇ ସେମାନଙ୍କ ଅଶ୍ଳୀଳ ଭିଡିଓ ଶୁଟ୍ କରୁଥିଲା।ଏହାକୁ ଦେଖାଇ ସେ ନାବାଳିକାଙ୍କୁ ବେଶ୍ୟାବୃତ୍ତି କରିବାକୁ ଧମକ ବି ଦେଉଥିଲା। ଭୟରେ ନିଜ ଇଜ୍ଜତ ବଂଚାଇବାକୁ ବହୁ ନାବାଳିକା ଏଥିରେ ରାଜି ହୋଇଯାଉଥିଲେ। ଆଉ ଯେଉଁ ମାନେ ରାଜି ହେଉ ନଥିଲେ ସେମାନଙ୍କ ଭିଡିଓକୁ ତନବୀର ସୋଶାଲ ମିଡିଆରେ ପୋଷ୍ଟ କରି ଭାଇରାଲ କରୁଥିଲା ଏ ରାକ୍ଷସ।

## ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାରେ ହେବ ପରିବର୍ତ୍ତନ

ଭୁବନେଶ୍ୱର,୧୫।୪: ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ନେଇ ବଡ଼ ଘୋଷଣା କଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବଦଳିବ ଦର୍ଶନ ବ୍ୟବସ୍ଥା।ଶୁଭେଶାଘ୍ରସ୍ଲଟ ବୁକିଂ ମାଧ୍ୟମରେ ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଏନେଇ ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଣିକି ଜଗା ଦର୍ଶନ ପାଇଁ ଆଉ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡିନପାରେ।ମନ୍ତ୍ରୀଙ୍କ କହିବା ଅନୁସାରେ, ଜଗା ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କୁ ଆଗୁଆ ବୁକିଂ କରିବାକୁ ପଡିବ। ଉଭୟ ଲାଇନ ଏବଂ ସ୍ଲଟ ବୁକିଂ ଦର୍ଶନ ଜାରି ରହିବ। ତେବେ ବୁକିଂ କରିଥିବା ବ୍ୟକ୍ତି ସେହି ସମୟରେ ହିଁ ଜଗା ଦର୍ଶନ କରିବେ। ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ହୋଲଡିଂ ଏରିଆରେ ରହି ସ୍ଲଟ୍ ବୁକିଂ ଜରିଆରେ ଭିତରକୁ ଯାଇପାରିବେ। ପ୍ରଥମେ ପରୀକ୍ଷାମୂଳକ ଭାବରେ ସ୍ଲଟ ବୁକିଂ ଦର୍ଶନ ବ୍ୟବସ୍ଥା କରାଯିବ। ଯଦି ଏହା ସଫଳ ହେବ ତାହେଲେ ଏହାକୁ ସ୍ଥାୟୀ ଭାବେ କାର୍ଯ୍ୟକାରୀ କରାଯିବ। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ବୃଦ୍ଧ ଏବଂ ଅସୁସ୍ଥ ଶ୍ରଦ୍ଧାଳୁମାନେ ସଠିକ୍ ସମୟ ଏବଂ ସହଜରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ହୋଇଛି ବୋଲି ଆଜି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

## ସ୍କୁଲ୍ ଗେଟ୍ ଭାଙ୍ଗି ଗଲା ୨ ଛାତ୍ରୀଙ୍କ ଜୀବନ

ଆର.ଉଦୟଗିରି,୧୫।୪(ନି.ପ୍ର.): ଗଜପତି ଜିଲ୍ଲା ଆର. ଉଦୟଗିରି ଥାନା ରୁବୁଡିସିଂ ଉଚ୍ଚ ପ୍ରାଥମିକ ସ୍କୁଲ୍‌ରେ ବୁଧବାର ଘଟିଛି ବଡ ଅଘଟଣ। ସ୍କୁଲର ଗେଟ୍ ଭୁଶୁଡି ପଡିବାରୁ ୨ ଜଣ ଛାତ୍ରୀଙ୍କର ମୃତ୍ୟୁ ହୋଇଯାଇଛି।ମୃତ ଛାତ୍ରୀ ଦ୍ୱୟ ହେଉଛନ୍ତି ରୁବୁଡିସିଂ ଗାଁର ଇରନ୍ତି ରଇତ ଓ ବେକ୍‌ଲେସନ ରଇତ। ଇରନ୍ତି ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳେ ବେକ୍‌ଲେସନ ପଞ୍ଚମ ଶ୍ରେଣୀରେ ପଢୁଥିଲେ। ପିଲାମାନେ ଖେଳୁଥିବା ହଠାତ୍ ଗେଟ୍‌ଟି ଭୁଶୁଡି ପଡିଥିଲା। ତାହା ଏହି ଦୁଇ ଛାତ୍ରୀଙ୍କ ଉପରେ ପଡିଥିଲା। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ନିମ୍ନମାନର କାମ ହୋଇଥିବାରୁ ଏପରି ଘଟିଥିବା କୁହାଯାଉଛି। ଖବର ପାଇଁ ଆର. ଉଦୟଗିରି ପୁଲିସ ସ୍କୁଲରେ ପହଞ୍ଚି ତଦନ୍ତ କରିଛି। ସେହିପରି ନୂଆଗଡ ବିଡିଓ ଓ ତହସିଲଦାର ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ରେଡକ୍ରାସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କେଉଁ ପରିସ୍ଥିତିରେ ଗେଟ୍ ଭୁଶୁଡ଼ିଲା ତା'ର ତଦନ୍ତ ଚାଲିଛି।



ଆଞ୍ଚଳିକ ମନ୍ଥନ

ଗୁରୁବାର,୧୬,ଏପ୍ରିଲ,୨୦୨୬ Thursday,16 April 2026, Bhubaneswar





# ଦେଶ ପାଇଁ ମଧ୍ୟସ୍ଥତା ୨.୦ ଅଭିଯାନ

ଯାଜପୁର,**୧୫।୪:(ମନ୍ଥନ)**ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଦେଶ ପାଇଁ ମଧ୍ୟସ୍ଥତା ୨.୦ ଅଭିଯାନ ଯାଜପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ତାଲୁକ ଆଇନସେବା ସମିତି ଚଣ୍ଡିଖୋଲ ଓ ଯାଜପୁର ରୋଡରେ ଆରମ୍ଭ ହୋଇଯାଇଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରଧୀନ ଘରୋଇ ହିଂସା ଓ ଯୌତୁକ ନିର୍ଯାତନା, ଚେକ୍ ବାଉନ୍ସ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଭୂ-ଅଧିଗ୍ରହଣ ମାମଲା, ସମ୍ପତ୍ତି ବଣ୍ଟନ ବିବାଦ, ଉଚ୍ଛେଦ ମାମଲା, ବାଣିଜ୍ୟିକ ଅଦାଲତରେ ବିଚାରଧୀନ ଥିବା ମାମଲା, ନିଯୁକ୍ତି ସମ୍ପର୍କୀୟ ଉପଯୁକ୍ତ ମାମଲା, ଶ୍ରମିକ ଅଧିନିୟମ ସମ୍ପର୍କୀୟ ବିବାଦ, ଚୁକ୍ତି ଅଧିନିୟମ ସମ୍ପର୍କୀୟ ବିବାଦ, ଖାଉଟି ଅଦାଲତରେ ଥିବା ବିବାଦର ଆପୋଷ ସହମତି ଭିତ୍ତିରେ ସମାଧାନ ଜାରି ରହିବ। ଏହି ଅଭିଯାନରେ । ଅଂଶଗ୍ରହଣ କରି ଉପରୋକ୍ତ ମାମଲା ଗୁଡ଼ିକର ତ୍ୱରିତ ସାମାଧାନ କରାଇନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

# ଯାଜପୁର ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର

ଯାଜପୁର,**୧୫।୪:(ମନ୍ଥନ)**ଚଳିତ ବର୍ଷ ଗ୍ରୀଷ୍ମ କାଳୀନ ଖରାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏହି କ୍ରମରେ ଓଡ଼ିଆ ନବବର୍ଷ ଦିନ ପୌର ପରିଷଦ ପକ୍ଷରୁ ଯାଜପୁର ସହରର ବିଭିନ୍ନ ୱାର୍ଡରେ ଜନସାଧାରଣଙ୍କ ପାଇଁ ଜଳଛତ୍ର ଖୋଲା ଯାଇଛି। ଯାଜପୁର ସହରକୁ ପ୍ରତିଦିନ ସରକାରୀ କାମରେ ଏବଂ ମାଆ ବିରଜାଙ୍କ ଦର୍ଶନ ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକ ଆସନ୍ତି। ଖରାଦିନ ଆରମ୍ଭ ହେବା ସହ ତାପମାତ୍ରା ବଢୁଥିବାରୁ ରାସ୍ତା ଘାଟରେ ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳର ଆବଶ୍ୟକତା ରହିଛି।




ଏହାକୁ ପୂରଣ କରିବା ପାଇଁ ସହରରେ ମେଡିକାଲ ଛକ, କୋଦଣ୍ଡପୁର, ମହାବୀର ଛକ, ଯୋଡ଼ିକୂଅ ଛକ, ବିରଜା ମନ୍ଦିର, ପୌର ପରିଷଦ ଅଫିସ ସାମ୍ନା, ବଡ଼ ବଜାର ଛକ, ଶିତଳେଶ୍ୱର ଛକ, ବଲ୍ଲଭି ଘାଟ ଛକ, ବୁଦ୍ଧ ପାର୍କ, ଟ୍ୟାକ୍ସି ଷ୍ଟାଣ୍ଡ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ୧୨ ଟି ଜଳଛତ୍ର ସ୍ଥାପନ କରାଯାଇଛି। ସମ୍ପୃକ୍ତ ୱାର୍ଡ଼ର କାଉନସିଲରମାନେ ଏହାକୁ ଉଦଘାଟନ କରିଥିଲେ। ଏହାସହ ବୁଲା ପଶୁପକ୍ଷୀଙ୍କ ପାଇଁ ସହରର ୧୦ ଟି ସ୍ଥାନରେ ପାଣି କୁଣ୍ଡର ବ୍ୟବସ୍ଥା କରାଯାଉଛି। ଆସନ୍ତା ଜୁନ୍ ୧୪ ତାରିଖ ଯାଏଁ ଏସବୁ ଜଳଛତ୍ର ଖୋଲା ରହିବ ଏବଂ ଜନସାଧାରଣ ଏହା ଦ୍ୱାରା ଉପକୃତ ହେବେ। ଜଳଛତ୍ର ଉଦଘାଟନ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ମଲ୍ଲିକ, ନିର୍ବାହୀ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ରାଉତ ଏବଂ କାଉନସିଲରମାନେ ଉପସ୍ଥିତ ଥିଲେ।

# ଜିଲା ପ୍ରଶାସନ ର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ

ଯାଜପୁର, **୧୫।୪:(ମନ୍ଥନ)**ସରକାରୀ ଗୋଚର ଜମି କୁ ବେଆଇନ ଭାବେ ଗୋଟିଏ ପରିବାର ଦିଆଯିବା ପ୍ରତିବାଦ ରେ ଗ୍ରାମବାସୀ ଜିଲା ପ୍ରଶାସନ ର ଦ୍ୱାରସ୍ଥ ହୋଇଛନ୍ତି। ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ସାରଙ୍ଗପୁର ଗାଁ ରେ ଥିବା ଗୋଚର ଜମି କୁ ଏକ ପରିବାର କୁ ତହସିଲ ପକ୍ଷରୁ ଦେବା ପାଇଁ ନିଷ୍ପତି ନେଇଛି । ଏହି ପରିବାର ସେଠାରେ ଥିବା ସମସ୍ତ ଗୋଚର ଜମି କୁ ଅକ୍ତିଆର କରିବା ସହିତ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ ମୂଲ୍ୟ ର ଆମ୍ବ ପଣସ ଶାଗୁଆନ ଆଦି ବିଭିନ୍ନ ଗଛ ଗୁଡିକୁ କାଟି ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ଜମି କୁ ଜବରଦଖଲ ମୁକ୍ତ କରବା ପାଇଁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ଏ ନେଇ ଗ୍ରାମ କମିଟି ର ସମ୍ପାଦକ ଧନେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ୧୦୦ ଉର୍ଦ୍ଧ ଗ୍ରାମବାସୀ ଜିଲା ପ୍ରଶାସନ ର ଦ୍ୱାରସ୍ଥ ହୋଇ ଜିଲାପାଳଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ମହିଳା ଜଣଙ୍କ ସେହି ଗୋଚର ସ୍ଥାନରେ ପ୍ରଶାସନ ର ବିନା ଅନୁମତି ରେ ଜୋର ଜବରଦସ୍ତ ଘର ତିଆରି କରିବା ସହ ଯେଉଁ ଗ୍ରାମବାସୀ ବିରୋଧ କରୁଛନ୍ତି ତାଙ୍କ ବିପକ୍ଷ ରେ ଅଶାଳୀନ ବ୍ୟବହାର କରିବା ସହ ମିଛ ମକୋଦ୍ଦମା କରୁଥିବା ଅଭିଯୋଗ ହୋଇଛି । ସେପଟେ ଗ୍ରାମବାସୀଙ୍କ ସମସ୍ତ ଅଭିଯୋଗ କୁ ଉକ୍ତ ପରିବାର ପକ୍ଷରୁ ଖଣ୍ଡନ କରାଯାଇଛି।

# ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଓ ଓଡ଼ିଆ ନବ ବର୍ଷ ପାଳିତ

ଅନୁଗୋଳ,**୧୫।୪:(ମନ୍ଥନ)**ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ଓ ଓଡ଼ିଆ ନବ ବର୍ଷ ସ୍ଥାନୀୟ କଂଗ୍ରେସ ଭବନଠାରେ ପାଳନ ହୋଇଯାଇଛି । ଓଡ଼ିଆ ନବ ବର୍ଷ ପାଳନ ଅବସରରେ ସମସ୍ତ ନେତା ପରସ୍ପରକୁ ଆଲିଙ୍ଗନ ସହ ନବ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଆଦାନପ୍ରଦାନ କରିଥିଲେ । ବାବା ସାହେବ ଆମ୍ବେଦକରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ସହ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ତାଙ୍କର ଜୀବନୀ ଉପରେ ବିଭିନ୍ନ ବକ୍ତାମାନେ ବ... ଉପାଦେୟ ତଥ୍ୟ ପ୍ରଦାନ କରିବା ସ... ଆମ୍ବେଦକରଙ୍କ ଦେଶ ପ୍ରତି ବଳିଦା... ଓ ତ୍ୟାଗର ପଟାନ୍ତର ନାହିଁ ବୋଲି ବର୍ଣ୍ଣ... କରି ସେ ଜାତି, ବର୍ଣ୍ଣ ଓ ଧର୍ମ...



ନିର୍ବିଶେଷରେ ସଦାପୂଜ୍ୟ ହୋଇ ରହିଛନ୍ତି ଓ ରହିଥିବେ ମଧ ବୋଲି ପ୍ରକାଶ କରିଥିଲେ । ତାଙ୍କ ୧୩୫ତମ ଜୟନ୍ତୀ ଉପଲକ୍ଷେ ସମସ୍ତ ଉପସ୍ଥିତ ସଦସ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଜିର ଏହି ସ୍ମୃତି ଚାରଣ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସର୍ବଶ୍ରୀ ଉମେଶ ଚନ୍ଦ୍ର ସାହୁ, ତପନ ପ୍ରଧାନ, ଏଲ ମାଣିକପ୍ରଭା, ନିଳକଣ୍ଠ ନାଏକ, ଗୋପାଳ ଚନ୍ଦ୍ର ନାଥ, ସନ୍ତୋଷ ପଟ୍ଟନାୟକ, ସହଦେବ ବେହେରା, ବିରଞ୍ଚି ନାରାୟଣ ଧର, ବଲବୀର ସିଂହ, ରାକେଶ ମିଶ୍ର, ବିନୋଦ ମାଝୀ, ସୌମେନ୍ଦ୍ର ଦେହୁରୀ, ସଂଗ୍ରାମ କେଶରୀ କୁଅଁର, ସୁଦୀପ ମିଶ୍ର, ରଶ୍ମି ରଞ୍ଜନ ସାହୁ, ଅଳକାରାଣୀ ମହାପାତ୍ର, ନିରଞ୍ଜନ ଦାସ, ସଂଗ୍ରାମ ବେହେରା, ଅରୁପ ସାମଲ, ଅଶୋକ ନାଏକ, ଜଗନ୍ନାଥ ବେହେରା, ଲକ୍ଷ୍ମୀ ଧର ପୃଷ୍ଟି, ମାନିନୀ ପ୍ରଧାନ, ସଂଗ୍ରାମ ସାହୁ, ଅବିନାଶ ଦଳବେହେରା, ଅରୁଣ ଦାସ ପ୍ରମୁଖ ଶତାଧିକ ନେତା ଉପସ୍ଥିତ ଥିଲେ । ସଭା ପରେ ସମସ୍ତ ନେତା ଓ କର୍ମୀ ଆମ୍ବେଦକର ଭବନ ଯାଇ ସେଠାରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ ସମସ୍ତ ଆମ୍ବେଦକର ଫାଉଣ୍ଡେସନର ସଦସ୍ୟ ମାନଙ୍କ ସହ ଭାବ ଆଦାନପ୍ରଦାନ କରିଥିଲେ ।

# ଅନୁଗୋଳ ବ୍ଲକ କଂଗ୍ରେସ କମିଟି ଗଠିତ

ଅନୁଗୋଳ,**୧୫।୪:(ମନ୍ଥନ)**ଆଜି ଅନୁଗୋଳ ବ୍ଲକ କଂଗ୍ରେସ କମିଟି, ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅନୁମୋଦନ କ୍ରମେ ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର ଘୋଷଣା କରିବା ସହ ନବ ନିଯୁକ୍ତ ସମସ୍ତ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଆଜି ଘୋଷଣା ହୋଇଥିବା କମିଟିରେ ଉପସଭାପତି ଭାବେ ସୌଭାଗ୍ୟ ବିଶ୍ୱାଳ ଓ ଦିନେଶ କୁମାର ତ୍ରିପାଠୀ, ସାଧାରଣ ସଂପାଦକ ଭାବେ ଚିତ୍ତରଞ୍ଜନ ସାହୁ, ବଟକୃଷ୍ଣ ସାହୁ,ରାଜୀବ ମହାଳିକ, ଆଲୋକ ରୋଜାଲିନ ଦେହୁରୀ, ବିଶ୍ୱନାଥ ଦାଶ, ଅନୁପମା ଦେହୁରୀ, ସୋମ୍ୟରଞ୍ଜନ ବେହେରା, ସଂଗ୍ରାମ କେଶରୀ ପ୍ରଧାନ, ଅନୁକୂଳ ଦାସ, ସଂପାଦକ ଭାବେ ପିତବାସ ସାହୁ, ଚନ୍ଦ୍ରକାନ୍ତ ପ୍ରଧାନ, ବିଶ୍ୱଜିତ ଦେହୁରୀ, ସୁଶୀଲ କୁମାର ପୃଷ୍ଟି, ସୌମ୍ୟ ରଞ୍ଜନ ସାହୁ, ସୁଦର୍ଶନ ନାଏକ, ବନ୍ଦେଶ ମହାରଣା, ଦୁଷ୍ମନ୍ତ କୁମାର ଦେହୁରୀ, ଉପେନ୍ଦ୍ର ଦେହୁରୀ ଓ କୋଷାଧ୍ୟକ୍ଷ ଭାବେ ସ୍ୱାଧିନ ଦେହୁରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏତଦବ୍ୟତୀତ ତେରଜଣଙ୍କୁ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ମନୋନୀତ କରାଯାଇଛି । ସମସ୍ତ କର୍ମକର୍ତ୍ତା ଆଗାମୀ ଦିନରେ କଂଗ୍ରେସ ଦଳକୁ ସୁସଂଗଠିତ ଭାବେ ଆଗକୁ ନେବାରେ ନିଷ୍ଠାର ସହ ନିଜ ନିଜର ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବାକୁ ପରାମର୍ଶ ଦିଆଯାଇଛି ବୋଲି ଏକ ପ୍ରେସ ବିବୃତିରେ ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ ଜଣାଇଛନ୍ତି ।

# ନବରଙ୍ଗପୁର ଠାରେ ଡ ଆମ୍ବେଦକର ଙ୍କ ୧୩୬ତମ ଜୟନ୍ତୀ ପାଳିତ

ନବରଙ୍ଗପୁର,**୧୫।୪:(ମନ୍ଥନ)**ଡ଼ ଆମ୍ବେଦକର ଙ୍କ ୧୩୬ ତମ ଜୟନ୍ତୀ ପାଳନ ଅବସରରେ ଡ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ସକାଳ ୮.୩୦ ମି ସମୟରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ,ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର,ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ,ବିଭିନ୍ନ ବିଭାଗୀୟ ଅଧିକାରୀ,ସ୍ଥାନୀୟ ଆର୍ ସି ଡି ଓ କସ୍ତୁରବା ଗାନ୍ଧୀ ଆଶ୍ରମ ବିଦ୍ୟାଳୟ ର ଛାତ୍ରଛାତ୍ରୀ ,ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହା ପରେ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ଗୃହରେ ସକାଳ ଘ ୯.୦୦ ମି ସମୟରେ ଡ ବି ଆର୍ ଆମ୍ବେଦକର ଙ୍କ ୧୩୬ତମ ଜନ୍ମ ଜୟନ୍ତୀ ସ୍ମୃତିସଭା ,ଆଲୋଚନାଚକ୍ର ଓ ମୁକ୍ତପ୍ରଶ୍ନ ମଂଚର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ସମ୍ମାନିତ ଅତିଥି ରୂପେ ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର,ପୌରପାଳିକା ,ନବରଙ୍ଗପୁର ଅଧ୍ୟକ୍ଷ



କୁନୁ ନାୟକ ଓ ମୁଖ୍ୟ ବକ୍ତା ରୂପେ ପୂର୍ବତନ ସଭାପତି ,ଜିଲ୍ଲା ଆଇନଜୀବୀ ସଂଘ ନରସିଂହନାଥ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିଗଣ ଡ ଆମ୍ବେଦକର ଙ୍କୁ ବିଶିଷ୍ଟ ଜନନେତା,ସମାଜ ସଂସ୍କାରକ, ଅସାଧାରଣ ବ୍ୟକ୍ତି , ସମ୍ବିଧାନ ପ୍ରଣେତା , ଗଣତନ୍ତ୍ର ର ମୁଖ୍ୟ ପୁରୋଧା, ବିଶିଷ୍ଟ ରାଜନୀତିଜ୍ଞ, ମହିଳାମାନଙ୍କ ଅଧିକାରରେ ସମାନତା,ସାମାଜିକ ନ୍ୟାୟ ର ପ୍ରତିଷ୍ଠାତା,ଦଳିତ ଓ ନିଷ୍ପେସିତ ଙ୍କ ପ୍ରାଣକର୍ତ୍ତା ରୂପେ ଅଭିହିତ କରି ତାଙ୍କର ଆଦର୍ଶ ଓ ଜୀବନୀ କୁ ପାଠ କରି ଆଗାମୀ ପିଢ଼ି ଏକ ସଶକ୍ତ , ବଳିଷ୍ଠ ଗଣତନ୍ତ୍ରରେ ଭାରତବର୍ଷ କୁ ଦେଖିବା ଓ ସମସ୍ତେ ସାମାଜିକ ନ୍ୟାୟ ପ୍ରତି ଅଙ୍ଗୀକାର ହେବାକୁ ଆହ୍ୱାନ କରିଥିଲେ । ଶ୍ରୋତା ଙ୍କ ମଧ୍ୟରୁ ବୁଦ୍ଧିଜୀବି ପ୍ରକାଶ ଚନ୍ଦ୍ର ନାଗ ଏବଂ ପୂର୍ବତନ ସଭାପତି ଆଇନଜୀବୀ ସଂଘ ସିରାଜ୍ ଅହମ୍ମଦ ଡ ଆଂବେଦକର ଙ୍କ ଜୀବନୀ ଓ ସମ୍ବିଧାନ ଉପରେ ବିଶେଷ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ସ୍ୱାଗତ ଭାଷଣ ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସଭାକାର୍ଯ୍ୟ ପରେ ଡ ଆଂବେଦକର ଙ୍କ ଜୀବନୀ ଓ ଦର୍ଶନ ଉପରେ ଏକ ମୁକ୍ତ ପ୍ରଶ୍ନ ମଞ୍ଚ ଅନୁଷ୍ଠିତ ହୋଇଥିଲା ଏବଂ ଶିକ୍ଷକ ରଞ୍ଜନ କୁମାର ମହାପାତ୍ର ଓ ସୁଶାନ୍ତ ସାହୁ ଏହାକୁ ପରିଚାଳନ କରିଥିଲେ । ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ । ସଭାରେ ବୁଦ୍ଧିଜୀବି ଡ ବିଜୟ ମିଶ୍ର, ନାରାୟଣ ପଣ୍ଡା,ଜିଲ୍ଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ର, ଏ ଡି ଡ଼ବ୍ଲୁ ଓ ଭରତ ଚନ୍ଦ୍ର ସାହୁ, ଡି ପି ଇ ଓ ପ୍ରଭାତ ପଟ୍ଟନାୟକ ,ବିଭିନ୍ନ ଶିକ୍ଷାନୁଷ୍ଠାନ ବିଦ୍ୟାର୍ଥୀ ବିଜ୍ଞାନ କଲେଜ, ମୋଡେଲ ଡ଼ିଗ୍ରୀ କଲେଜ, ସ୍ମାର୍ଟ ଗୁରୁକୁଳ,ସରସ୍ୱତୀ ବିଦ୍ୟା ମନ୍ଦିର, ଏକଲବ୍ୟ ଆଦର୍ଶ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ,ଗଣମାଧ୍ୟମ ପ୍ରତିନିଧି,ଅନୁଷ୍ଠାନ କର୍ମକର୍ତ୍ତା,ସରକାରୀ ଅଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ର ସଫଳ ରୂପାୟନ ଦିଗରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ର କର୍ମଚାରୀ ଦିଲୀପ ମଲ୍ଲିକ,ବନମାଳୀ ଗୋଛି, ନୀଳକଣ୍ଠ ନାୟକ, ବିଘ୍ନ ରାଜ ମାଝୀ,ସୁବ୍ରତ ବିଶୋୟୀ ସହଯୋଗ କରିଥିଲେ। ଆଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପୂର୍ବତନ ସୈନିକ ରାଜକିଶୋର ପାଢ଼ୀଙ୍କର ଦେହାନ୍ତ

ଡେଲାଙ୍ଗ,**୧୫।୪:(ମନ୍ଥନ)**ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବୋଲକଣା ଗ୍ରାମର ପୂର୍ବତନ ସ୍ଥଳସେନା ସୈନିକ ରାଜକିଶୋର ପାଢ଼ୀ ଙ୍କର ୬୫ ବର୍ଷ ବୟସ ରେ ନିଜସ୍ୱ ବାସଭବନରେ ପରଲୋକ ଘଟିଛି । ତାଙ୍କ ବିୟୋଗ ଖବର ଜାଣିବା ପରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଆଖପାଖ ରୁ ବହୁମାନ୍ୟ ଗଣ ବ୍ୟକ୍ତି ପହଂଚି ମର ଶରୀର କୁ ଶେଷ ଦର୍ଶନ କରିଥିଲେ। ସେ ଭାରତୀୟ ସ୍ଥଳସେନା ରେ ସୈନିକ ଭାବେ ଯୋଗ ଦେଇ କୃତିତ୍ୱର ସହ କାର୍ଯ୍ୟ ସଂପାଦନ କରି ୧୯୯୬ ମସିହା ରେ ଅବସର ଗ୍ରହଣ କରିଥିଲେ ସେ ଜଣେ ସ୍ପଷ୍ଟବାଦୀ, ସାହାସୀ,କ୍ରୀଡାବିତ, ସ୍ନେହୀପରୋପକାରୀଭାବେ ଅଂଚଳରେ ପରିଚିତ ଥିଲେ । ମୃତ୍ୟୁ ବେଳକୁ ଜ୍ୟେଷ୍ଠ ଭ୍ରାତା ଫକୀର ଚରଣ ପାଢ଼ୀ, ଭଉଣୀ ଉର୍ମିଳା ପାଢ଼ୀ, ଶୈଳବାଳା ପାଢ଼ୀ, ଭିଣୋଇ ଲକ୍ଷ୍ମୀଧର ଦାଶ, ବିରଞ୍ଚି ବଡ଼ପଣ୍ଡା, ଭଣଜା ରାଜା, ବାପି, ଝିଆରୀ ସବିତା ପାଢ଼ୀ, କବିତା ପାଢ଼ୀ, ଝିଆରୀ ଜ୍ୱାଇଁ ସୋମନାଥ ସେନାପତି, ରାଜକିଶୋର ମନୋହାରୀ,ପୁତୁରା ହୃଷୀ କେଶ ପାଢ଼ୀ ସମେତ ଦୁଇ ବୋହୁ ବନ୍ଧୁ ପ୍ରିୟଜନ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ ସମ୍ପନ୍ନ ହୋଇଛି ।

# ବ୍ରହ୍ମପୁର ପଞ୍ଚାୟତ ନିକଟରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଫୁଲନଖରା,**୧୫।୪:(ମନ୍ଥନ)**୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ମୁଖ୍ୟ ରାସ୍ତା କଡ଼ରେ ବୁଧବାର ସକାଳୁ ଏକ ଚମକ୍ରାରକ ଓ ସନ୍ଦେହଜନକ ଘଟଣା ସାମ୍ନାକୁ ଆସିଛି । ସ୍ଥାନୀୟ ଲୋକଙ୍କ ତରଫରୁ ଖବର ପାଇ ୪୨ ମୌଜା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଘଟଣାସ୍ଥଳରେ ଏକ ମାଲବାହୀ ପିକଅପ୍ ଗାଡ଼ି ତଳେ ମୁହଁ ମାଡ଼ି ପଡ଼ିଥିବା ଏକ ପୁରୁଷଙ୍କ ମୃତଦେହ ଦେଖିବାକୁ ମିଳିଥିଲା, ଯାହା ପରିସ୍ଥିତିକୁ ଅଧିକ ରହସ୍ୟମୟ କରିଥିଲା ଯ ଘଟଣାର ଗୁରୁତ୍ୱକୁ ଦେଖି ଥାନା ଅଧିକାରୀ ସାଇଣ୍ଟିଫିକ୍ ଟିମ୍କୁ ଖବର ଦେଇଥିଲେ । ଟିମ୍ ପହଞ୍ଚିବା ପରେ ମୃତଦେହକୁ ଗାଡ଼ି ତଳୁ ବାହାର କରାଯାଇ ବୈଜ୍ଞାନିକ ଭାବେ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଥିଲା । ପୋଲିସ ପ୍ରଥମେ ମୃତକଙ୍କ ପରିଚୟ ଜାଣିବା ପାଇଁ ତାଙ୍କର ପୋଷାକ ଓ ପ୍ୟାକେଟ ଯାଞ୍ଚ କରିଥିଲା । ତଦନ୍ତ ସମୟରେ ଏକ ମୋବାଇଲ ଫୋନ, ଚାର୍ଜର, ବ୍ୟାଟେରୀ ଓ ଏକ ମନିପର୍ସ ମିଳିଥିଲା ଯ ମନିପର୍ସ ମଧ୍ୟରୁ କିଛି ନଗଦ ଟଙ୍କା ସହ ଏଟିଏମ୍ କାର୍ଡ ଓ ଆଧାର କାର୍ଡ ମିଳିଥିଲା । ଆଧାର କାର୍ଡ ଆଧାରରେ ମୃତକଙ୍କ ପରିଚୟ ସନ୍ତୋଷ କୁମାର ବାରିକ (୪୬) ବୋଲି ନିଶ୍ଚିତ ହୋଇଥିଲା, ଯିଏ ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣୀ ନଗରର ବାସିନ୍ଦା ।ପୋଲିସ ତୁରନ୍ତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ପରେ ଖବର ପାଇ ମୃତକଙ୍କ ପତ୍ନୀ ଓ ବାପା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ । ପରିବାର ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ସନ୍ତୋଷ କୁମାର ବାରିକ କିଛି ଦିନ ହେବ ୪୨ ମୌଜା ଶ୍ରୀକୃଷ୍ଣ ବିହାର ଅଞ୍ଚଳରେ ଭଡ଼ାରେ ରହି ଅଟୋ ଚାଳନା କରୁଥିଲେ । ତାଙ୍କ ପଛରେ ଦୁଇ ଝିଅ ଓ ଗୋଟିଏ ପୁଅ ରହିଛନ୍ତି, ଯାହା ଏହି ଘଟଣାକୁ ଆହୁରି ଦୁଃଖଦ କରିଛି । ଏହି ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠୁଥିବା ବେଳେ, ଏହା ଦୁର୍ଘଟଣା ନା ଅନ୍ୟ କିଛି ଅପରାଧମୂଳକ କାର୍ଯ୍ୟ, ସେଥିପାଇଁ ପୋଲିସ ସମସ୍ତ ଦିଗରୁ ତଦନ୍ତ ଚଳାଇଛି । ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ହେମନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି । ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି କରିଥିବା ବେଳେ, ଶୀଘ୍ର ଏହାର ସତ୍ୟାସତ୍ୟ ପ୍ରକାଶ ପାଇବାକୁ ସମସ୍ତଙ୍କ ଆଶା ରହିଛି ।

# ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହର ଶିଳାନ୍ୟାସ କଲେ ଆକାଶ

ବ୍ୟାସନଗର, **୧୫।୪:(ମନ୍ଥନ)** ବ୍ୟାସନଗର ପୌରପରିଷଦ ବ୍ୟାସଦେବ ଟାଉନ୍ ହଲ ଠାରୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ କୋରେଇର ମାନ୍ୟବର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଶ୍ରୀଯୁକ୍ତ ଆକାଶ ଦାସନାୟକଙ୍କୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ କର୍ମୀମାନେ ଶିଳାନ୍ୟାସ ସ୍ଥଳୀକୁ ପାଛୋଟି ନେଇଥିଲେ । ସକାଳ ୧୧ ଘଟିକା ସମୟରେ ଶ୍ରୀ ଦାସନାୟକ ବ୍ୟାସଦେବ ଟାଉନ୍ ହଲ ଠାରୁ ଶୋଭାଯାତ୍ରାରେ ଆସି ଚୋରଦା ବାଇପାସରେ ଥିବା ଯାଜପୁର ରୋଡ ଟ୍ରକ୍ ମାଲିକ ସଂଘ ତରଫରୁ ଏକ ଜଳଛତ୍ରର ଶୁଭ ଉଦ୍ଘାଟନ କରିଥିଲେ । ସେଠାରୁ ଆସି ଚୋରଦା କେଟିଲ୍ ଛକ ଠାରେ କୋରେଇ ବିଜେପି ତରଫରୁ ଆୟୋଜିତ ଜଳଛତ୍ରକୁ ଶୁଭ ଉଦ୍ଘାଟନ କରିଥିଲେ । ଦିବା ୧୨ ଘଟିକା ସମୟରେ ବିଧାୟକ ଶ୍ରୀ ଦାସନାୟକ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଓଡିଶା ସରକାର ୧୬ ଗୋଟି ଟଙ୍କା ଅର୍ଥ ମଂଜୁର କରିଛନ୍ତି । ଏହି କାର୍ଯ୍ୟକୁ ପୂର୍ତ୍ତ ବିଭାଗ ନିର୍ମାଣ କରିବା ପାଇଁ ଦାୟିତ୍ୱ ନେଇଅଛି । ଏହି ପ୍ରକଳ୍ପ ବ୍ୟାସନଗର ପୌରପରିଷଦର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁତ ଉନ୍ନତି ହେବ ବୋଲି ଜନସାଧାରଣରେ ଆଲୋଚନା ହେଉଛି । କୋରେଇ ବିକାଶରେ ଆଜି ଏହି ପ୍ରକଳ୍ପ ଆଉ ଏକ ପାଦ ଆଗକୁ ଯାଇଛି । ମାନ୍ୟବର ବିଧାୟକ ଶ୍ରୀ ଦାସନାୟକଙ୍କ ଏହି ପ୍ରଚେଷ୍ଟାକୁ ବ୍ୟାସନଗର ପୌରପରିଷଦର ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ କହିଥିଲେ - ଆଗାମୀ ଦିନରେ କୋରେଇର ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟଜଳ, କ୍ରୀଡା, ଶିକ୍ଷା ସବୁ କ୍ଷେତ୍ରରେ ବିକାଶର ଧାରା ଆଗକୁ ଆଗକୁ ବଢିଚାଲିଛି । ଏହି ସ୍ୱାସ୍ଥ୍ୟସେବାରେ ଉନ୍ନତି ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ପୂର୍ତ୍ତ ବିଭାଗର ସମସ୍ତ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ । ସମ୍ମାନୀତ ଅତିଥି ଭାବେ ବ୍ୟାସନଗର ପୌରପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବଳ ଏବଂ ୧୮ନଂ ୱାର୍ଡର କାଉନସିଲର ଶ୍ରୀଯୁକ୍ତ ଭରତ ଓଝା ଉପସ୍ଥିତ ଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ୟାସନଗର ପୌରପରିଷଦର କାଉନସିଲର ମଣିନ୍ଦ୍ର କୁମାର ସାହୁ, ଅଶୋକ କୁମାର ରାଉତ, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ଯୁବମୋର୍ଚ୍ଚା ସଭାପତି ଜିତେନ୍ଦ୍ର ବେହୁରା, ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ରାଉତ, ବରିଷ୍ଠ ବିଜେପି ନେତା ପ୍ରସନ୍ନ ସାମଲ, ସତ୍ୟନାରାୟଣ ମହାନ୍ତି, ବିଧାୟକ ପ୍ରତିନିଧି ଶିଶିର କୁମାର ରାଉତ, ସାଂସଦ ପ୍ରତିନିଧି ନିରଞ୍ଜନ ଘଡାଇ, ସୌମେନ୍ଦ୍ର ରାଉତ, ଅଯୋଧ୍ୟା ଜେନା, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, କୃଷ୍ଣଚନ୍ଦ୍ର ରାଉତ, ପ୍ରଶାନ୍ତ ବୋଇତାଇ, ସ୍ୱର୍ଣ୍ଣପ୍ରଭା ନାୟକ, ଦେବେନ୍ଦ୍ର ରାଉତ, କୋରେଇ ବିଧାୟକ ପ୍ରତିନିଧି ଧନେଶ୍ୱର ବାରିକ, ରଜତ ରାଉତ, ଗୌରହରି ଦାସ, ଦୀପ୍ତିମୟୀ କୁଅଁର, ଚନ୍ଦନ ପରିଡା, ବାବାଜୀ ମଲ୍ଲିକ, ମନୋଜ ବେହେରା, ରାଜେଶ ରାଉତ, ଚନ୍ଦନ ଜେନା, ପ୍ରକାଶ ଜେନା, ନିରଞ୍ଜନ ବଳ, ସତ୍ୟବ୍ରତ ଜେନା, ପ୍ରିୟବ୍ରତ ସାହୁ, ସରଫରାଜ, ବିଭୁତିଭୂଷଣ ସାମଲ, ପଠ୍ୱନ ଓସ୍ୱାଲ, ବିଷ୍ଣୁ ଚରଣ ମଲ୍ଲିକ, ତାରିଣୀ ପ୍ରସାଦ ଦାସ, ଗୌରାଙ୍ଗ ସାହୁ, ପ୍ରଭୁଦତ କୁଅଁର, ସୁରେଶ ଦାସ, ସୁଚିତ୍ରା ଘଡାଇ, ଆଶା ମହାନ୍ତି, ଗୀତା ନାୟକ, ନିବେଦିତା ଜେନା, ରାନି ସାମଲ, ସଂଗୀତା ପ୍ରଧାନ, ସୁଜାତା ପରିଡା, ତିଳୋତମା ସେଠୀ ପ୍ରମୁଖ କର୍ମକର୍ତା ଉପସ୍ଥିତ ଥିଲେ ।

# ମହାବିଷୁବରେ ଦୟାନିଧିର ଭବ୍ୟ ଆୟୋଜନ, ଉତ୍ସାହରେ ଭରିଲା ୪୨ ମୌଜା

ଫୁଲନଖରା,**୧୫।୪:(ମନ୍ଥନ)**ମୌଜା ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡିଆ। ନବବର୍ଷ ଅବସରରେ ପ୍ରତିଷ୍ଠାନର ପୂଜ୍ୟପୂଜା ଭବନରେ ଏକ ଭବ୍ୟ ଓ ଗମ୍ଭୀର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଆଲୋଚନା ଚକ୍ର, ସମ୍ବର୍ଦ୍ଧନା ସଭା ସହିତ ପାରମ୍ପରିକ ବେଲପଣା ବଣ୍ଟନର ବିଶେଷ ବ୍ୟବସ୍ଥା ହୋଇଥିବାରୁ ପରିବେଶଟି ଉତ୍ସବମୁଖର ହୋଇଯାଇଥିଲା । ପ୍ରତିଷ୍ଠାନର ସଭାପତି ଓ ପ୍ରସିଦ୍ଧ ସାହିତ୍ୟିକା ସରୋଜ ନଳିନୀ ପରିଜାଙ୍କ ପୌରୋହିତ୍ୟରେ ସଭା ଆୟୋଜିତ ହୋଇଥିଲା । ସେ ତାଙ୍କ ଉଦ୍ବୋଧନରେ ଓଡିଆ। ନବବର୍ଷର ସାଂସ୍କୃତିକ ମହତ୍ତ୍ୱ ଉପରେ ଆଲୋକ ପାତ କରି ସମାଜରେ ସମ୍ମିଳିତ ଚେତନା ଓ ସେବାମୂଳକ କାର୍ଯ୍ୟର ଆବଶ୍ୟକତାକୁ ଉଦ୍ଧାର କରିଥିଲେ ଯ କାର୍ଯ୍ୟକାରୀ ସଭାପତି 'ଶିକ୍ଷକ ରତ୍ନ' ଅଭୟ ଦାସ ଶିକ୍ଷା ଓ ସଂସ୍କୃତିର ଅବିଚ୍ଛିନ୍ନ ସମ୍ପର୍କ ଉପରେ ମତ ପ୍ରକାଶ କରିଥିଲେ ଯ ମହାସଚିବ ରୁଦ୍ର ନାରାୟଣ ଦାସ ସମାଜ ସେବାରେ ପ୍ରତିଷ୍ଠାନର ଭୂମିକାକୁ ବ୍ୟାଖ୍ୟା କରିଥିବା ବେଳେ, ବରିଷ୍ଠ ଆଜୀବନ ସଭ୍ୟ ଓ ଶିଳ୍ପୀ ସର୍ଦ୍ଦାର ଉପେନ୍ଦ୍ର ବାରିକ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟାନ୍ୟ କର୍ମକର୍ତ୍ତାମାନେ ମଧ ଆଲୋଚନାରେ ଅଂଶଗ୍ରହଣ କରି ସମାଜ ଉନ୍ନତି ପାଇଁ ସଂଗଠନର ଆଗାମୀ କାର୍ଯ୍ୟଯୋଜନା ବିଷୟରେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ୪୨ ମୌଜା ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା । ଦୀପକ ଆଚାର୍ଯ୍ୟ, ନିରଂଜନ ଆଚାର୍ଯ୍ୟ, ସୁକାନ୍ତ ବେହେରା, ଅଶୋକ ପତି, ଦୀପ୍ତି ରଞ୍ଜନ ଶତପଥୀ, ଶିବାନୀ ମୁଦୁଲି, ସୁଧୀର ଶତପଥୀ, ଚନ୍ଦନ ମହାନ୍ତି ଓ ବିଶ୍ୱରଞ୍ଜନ ଦାସ ପ୍ରମୁଖଙ୍କୁ ତାଙ୍କ ସାମ୍ବାଦିକତାରେ ଅବଦାନ ପାଇଁ ଦୟାନିଧି ସାମ୍ବାଦିକ ରତ୍ନ-୨୦୨୬ ସମ୍ମାନ ପ୍ରଦାନ କରାଯାଇଥିଲା । ସମ୍ମାନିତ ସାମ୍ବାଦିକମାନେ ଏହି ସମ୍ମାନକୁ ସମାଜ ପ୍ରତି ତାଙ୍କର ଦାୟିତ୍ୱର ପ୍ରତୀକ ଭାବେ ଗ୍ରହଣ କରି ଆଗାମୀଦିନରେ ଆହୁରି ସମର୍ପିତ ଭାବରେ କାମ କରିବାର ସଂକଳ୍ପ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସାଧାରଣ ସଂପାଦକ ଓ ବରିଷ୍ଠ ସମାଜସେବୀ ନାରାୟଣ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଜ୍ଞାପନ କରି ସଭାର ସମାପନ ଘୋଷଣା କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଉତ୍ସାହ, ସମ୍ମିଳନ ଓ ସାମାଜିକ ସେବାର ମୂଲ୍ୟବୋଧକୁ ପ୍ରକାଶ କରିଥିଲା ।

# ଓଡ଼ିଆ ନବବର୍ଷରେ ସେବାର ସୁନ୍ଦର ପରମ୍ପରା

ଫୁଲନଖରା,**୧୫।୪:(ମନ୍ଥନ)**କଟକ ସଦର ଥାନା ଅନ୍ତର୍ଗତ ମହାଧରପଡା ନିକଟ ନଗରୀ ଗ୍ରାମରେ ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ। ନବବର୍ଷ ଅବସରରେ ଏକ ଜଳଛତ୍ର କେନ୍ଦ୍ର ଭବ୍ୟ ଭାବରେ ଉଦଘାଟିତ ହୋଇଯାଇଛି । ଏହି ସେବାମୂଳକ ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇଛି । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସେ ତାଙ୍କ ଉଦ୍ବୋଧନରେ ଏପରି ସେବାମୂଳକ କାର୍ଯ୍ୟ ମାନବତାର ସତ୍ୟ ସ୍ୱରୂପକୁ ପ୍ରକାଶ କରେ ବୋଲି କହିଥିଲେ ଏବଂ ସମାଜରେ ଏକତା ଓ ସହଯୋଗର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ବର୍ତ୍ତମାନ ଚାଲିଥିବା ପ୍ରଚଣ୍ଡ ଗ୍ରୀଷ୍ମତାପ ଓ ତୀବ୍ର ରୌଦ୍ରତାପରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ, ମହାଧରପଡା-ଗୋବିନ୍ଦପୁର ମୁଖ୍ୟ ରାସ୍ତାରେ ଏହି ଜଳଛତ୍ର କେନ୍ଦ୍ର ଖୋଲାଯାଇଥିବାରୁ ପଥଚାରୀ ଓ ଯାତ୍ରୀମାନେ ବହୁତ ଉପକୃତ ହେଉଛନ୍ତି ।

# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ

ଜଗତସିଂହପୁର,**୧୫।୪:(ମନ୍ଥନ)**ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ତରଫରୁ ରାହାମା (ସାଇଲୋ) ସ୍ଥିତ ମିନି ଷ୍ଟାଡିୟମ୍ ଠାରେ ନିଯୁକ୍ତି ମେଳା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ,ମାନ୍ୟବର ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ନିରଞ୍ଜନ ବେହେରା ଅତିରିକ୍ତ ଜିଲ୍ଲାପାଳ ପାରାଦୀପ,ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାହୁ, ଅଧ୍ୟକ୍ଷ, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, ପାରାଦ୍ୱୀପ ଓ ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ନାୟକ, ଅଧ୍ୟକ୍ଷ, ରାହାମା ମହାବିଦ୍ୟାଳୟ, ପାରାଦୀପ ଫସଫେଟ ଲିମିଟେଡ଼ ତରଫରୁ ଶ୍ରୀ ପଲ୍ଲନିସ୍ୱାମୀ ଭେଲୁସ୍ୱାମୀ, ଶ୍ରୀ ସୁମିତ ସେନାପତି , ଶ୍ରୀ ଶୁଭେନ୍ଦୁ ବିଶ୍ୱାଳ ଉପସ୍ଥିତ ଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀଯୁକ୍ତ ଅଜିତ କୁମାର ଉତ୍ତରାୟ ସଭାର ସଭାପତିତ୍ୱ କରିଥିଲେ । ପ୍ରଥମେ ଅତିଥି ମାନେ ନିଯୁକ୍ତି ମେଳାରେ ଲାଗିଥିବା




ଷ୍ଟଲ ବୁଲି ନିଯୁକ୍ତିଦାତା ମାନଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ସଭା କାର୍ଯ୍ୟର ଆରମ୍ଭ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ ସ୍ଥାନୀୟ ଶିଳ୍ପ ପ୍ରତିଷ୍ଠାନ ମାନଙ୍କୁ ଜିଲ୍ଲା ର ନିଯୁକ୍ତି ଆଶାୟୀ ପ୍ରାର୍ଥୀ ମାନଙ୍କୁ ଅଗ୍ରାଧିକାର ଭିତ୍ତି ରେ ନିଯୁକ୍ତି ଦେବାପାଇଁ ପରାମର୍ଶ ଦେଇଥିଲେ। ଯୁବ ପିଢ଼ି ମାନଙ୍କୁ ଦକ୍ଷ ହୋଇ ନିଯୁକ୍ତିକ୍ଷମ ହେବାପାଇଁ ଉପଦେଶ ଦେଇଥିଲେ. ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନା ମାଧ୍ୟମରେ ସ୍ଥାନୀୟ ଶିଳ୍ପ ମାନଙ୍କରେ ତାଲିମ ନେବାପାଇଁ ମଧ ଉତ୍ସାହିତ କରିଥିଲେ । ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୫୪ ଟି ସରକାରୀ ଓ ବେସରକାରୀ ସଂସ୍ଥା ଉପସ୍ଥିତ ରହି ନିଯୁକ୍ତି ପାଇଁ ଯୁବପିଢ଼ି ଙ୍କୁ ମନୋନୀତ କରିଥିଲେ । ଏହି ନିଯୁକ୍ତି ମେଳାରେ ଜଗତସିଂହପୁର ଜିଲ୍ଲା ଓ ଜିଲ୍ଲା ବାହାରୁ ୧୮୮୬ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କ ମନ ପସନ୍ଦର ନିଯୁକ୍ତି ସଂସ୍ଥା ବାଛିଥିଲେ ଯ୫୬ ଜଣ ନିଯୁକ୍ତି ଆଶାୟୀ ମାନଙ୍କୁ ମାନ୍ୟବର ମନ୍ତ୍ରୀ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟ ର ଅଶୋକ କୁମାର ମଢୁଆଳ, ସଞ୍ଜୟ ପରିଡା, ସମ୍ବିତ ନାୟକ, ଦିବ୍ୟଜ୍ୟୋତି ମହାପାତ୍ର, ସ୍ୱର୍ଣ୍ଣଶ୍ରୀ ଦାସ, ଅଶୋକ କହ୍ନର, ଅଜିତ ଦଳେଇ ଆଦି କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ ।

ଗୁରୁବାର ୧୬, ଏପ୍ରିଲ୍, ୨୦୨୬ ଭୁବନେଶ୍ୱର
THURSDAY,16 APRIL, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପରିସ୍ଥିତି ଆହୁରି ଜଟିଳ

ଅବିବେକୀ, ଅହଙ୍କାରୀ ଏବଂ ଅପରିପକ୍ୱ ବ୍ୟକ୍ତିଙ୍କ ହାତରେ କ୍ଷମତା ରହିଲେ ତାହାର ପରଣାମ କେବଳ ଦେଶ ବା ରାଜ୍ୟର ନାଗରିକ ନୁହେଁ, ସମଗ୍ର ବିଶ୍ୱ ଏହାର ପରିଣାମ ଭୋଗନ୍ତି। ହିଟଲର ନାମକ ଜଣେ ଅଯୋଗ୍ୟ ଶାସକ , ଜଣେ ଅହଙ୍କାରୀ ବ୍ୟକ୍ତି ପାଇଁ ସମଗ୍ର ବିଶ୍ୱ ଦଣ୍ଡଭୋଗିଲା। ଲକ୍ଷ ଲକ୍ଷ ଲୋକ ଜୀବନ ହାରିଲେ। ଏବେ ଜଣେ ବ୍ୟକ୍ତି, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ସାରା ବିଶ୍ୱ ସଜା ଭୋଗୁଛି। ଦ୍ୱିତୀୟ ଥର ଲାଗି ସେ କ୍ଷମତାକୁ ଆସିବା ପରେ ସାରା ବିଶ୍ୱ ଅସୁରକ୍ଷିତ ହୋଇପଡ଼ିଛି। ତାଙ୍କର ଅହଙ୍କାର ପାଇଁ ବିଶ୍ୱ ଅର୍ଥନୀତି ବିପର୍ଯ୍ୟସ୍ତ। ଟ୍ରମ୍ପଙ୍କ ଟାରିଫ ମାଡ଼ରେ ସମସ୍ତେ ପ୍ରଭାବିତ। ଏହା ସହିତ ତାଙ୍କର ବିସ୍ତାରବାଦୀ ନୀତି ଯୋଗ କାନାଡ଼ାରୁ ଆରମ୍ଭ କରି ଗ୍ରୀନଲାଣ୍ଡ୍, ଭେନେଜୁଏଲା ପର୍ଯ୍ୟନ୍ତ ସବୁଠି ଆତଙ୍କ। ଏବେ ଟ୍ରମ୍ପଙ୍କ ପାଇଁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜଟିଳ ହୋଇଛି। ଇରାନର ସର୍ବୋଚ୍ଚ ନେତାଙ୍କ ସମେତ ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଲେଣି। ବହୁ କଷ୍ଟରେ ଯୁଦ୍ଧ ବିରତି ସମ୍ଭବ ହୋଇଥିଲା ଏବଂ ଶାନ୍ତି ଆଲୋଚନା ଆରମ୍ଭ ହୋଇଥିଲା। କିନ୍ତୁ ଏହା ବିଫଳ ହେବା ପରେ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଇରାନ ପରେ ଆମେରିକା ଏବେ ହର୍ମୁଜ ପ୍ରଣାଳୀକୁ ଅବରୋଧ କରିଛି। କିଛି ଦିନ ତଳେ ରାଷ୍ଟ୍ରପତି ଟ୍ରମ୍ପ ଇରାନର ସମ୍ପୂର୍ଣ୍ଣ ସଭ୍ୟତାକୁ ନିଶ୍ଚିହ୍ନ କରିଦିଆଯିବ ବୋଲି ଧମକ ଦେଇଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଅତ୍ୟନ୍ତ ଦାୟିତ୍ୱହୀନ ଏବଂ ଦୁର୍ଭାଗ୍ୟଜନକ। ଏହା ପୁନର୍ବାର ପ୍ରମାଣିତ କରିଛି ଯେ, ସେ ବିଶ୍ୱନେତା ହେବାକୁ ଅଯୋଗ୍ୟ। ତାଙ୍କ ପାଇଁ ବିଶ୍ୱବାସୀଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ଯୁଦ୍ଧ ଯୋଗୁ ୫ ସପ୍ତାହ ଭିତରେ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। କେବଳ ଇରାନ ନୁହେଁ, ସମଗ୍ର ଉପସାଗରୀୟ ଅଞ୍ଚଳ, ଆମେରିକା ଓ ଇସ୍ରାଏଲ ମଧ୍ୟ ଏହା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଶହ ଶହ ଲୋକ ପ୍ରାଣ ହରାଇଛନ୍ତି। ଅନେକ ଧନ ସମ୍ପତ୍ତି ନଷ୍ଟ ହୋଇଛି। ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ଏହାକୁ ଯୁଦ୍ଧରେ ସହଯୋଗ କରୁଥିବା ଉପସାଗରୀୟ ରାଷ୍ଟ୍ର ଏବଂ ଇରାକ, ଜୋର୍ଡାନ, ତୁର୍କୀ ଆଦ ଅନେକ ଦେଶ ଉପରେ ଆକ୍ରମଣ କରିଛି। ଯାହାର ଯୁଦ୍ଧ ସହିତ କୌଣସି ସମ୍ପର୍କ ନାହିଁ, ସେମାନେ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ସାଉଦୀ ଆରବ, ୟୁଏଇ, କୁଏତ, କାଟାର, ବାହାରିନ, ଓମାନ ଆଦି ଦେଶର ତୈଳ ସମ୍ପଦ ବା ଇନ୍ଧନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଇରାନର ମଧ୍ୟ ଅନେକ ତୈଳ ଭଣ୍ଡାର ନଷ୍ଟ ହୋଇଛି। ଅନେକ ତୈଳ ଭଣ୍ଡାର ଏବଂ ଗ୍ୟାସ ଟର୍ମିନାଲରେ ନିଆଁ ଲାଗିଛି। ସାଉଦୀ ଆରବର ସବୁଠାରୁ ବଡ଼ ତୈଳ ରିଫାଇନାରୀ ଆରାମକୋରେ ନିଆଁ ଲାଗିଯିବା ଫଳରେ ସେଠାରୁ ଉତ୍ପାଦନ ବ୍ୟାହତ ହୋଇଛି। ବାହାରିନସ୍ଥିତ ବିଶ୍ୱର ସର୍ବ ବୃହତ ଏଲ୍ଏନଜି ଟର୍ମିନାଲର ବ୍ୟାପକ କ୍ଷୟକ୍ଷତି ହୋଇଛି ଯାହାକୁ ଭରଣା କରିବା ନିମନ୍ତେ ୫ ବର୍ଷ ସମୟ ଲାଗିଯିବ। ଇରାନର ଅଏଲ ଜଙ୍କସନ ଭାବେ ପରିଚିତ ଖାର୍ଗ ଦ୍ୱୀପ ଆମେରିକା ଆକ୍ରମଣରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏସବୁ ତୈଳ ସମ୍ପଦ ବା ଗ୍ୟାସ କୌଣସି ନିର୍ଦ୍ଦିଷ୍ଟ ଦେଶର ସମ୍ପତ୍ତି ନୁହେଁ, ଏହା ସମଗ୍ର ମାନବ ଜାତିର ସମ୍ପତ୍ତି ଏବଂ ସମଗ୍ର ବିଶ୍ୱ କଲ୍ୟାଣ ଲାଗି ଉଦ୍ଦିଷ୍ଟ। ଦୁର୍ଭାଗ୍ୟର ବିଷୟ ହେଲା ଯୁଦ୍ଧରେ ଉଭୟ ପକ୍ଷ ଏହି ମୌଳିକ ନୀତିକୁ ଉଲ୍ଲଘଂନ କରିଛନ୍ତି। ଯୁଦ୍ଧରେ ନିରୀହ, ନିରପରାଧ ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିବନି କିମ୍ବା ସର୍ବସାଧାରଣ ସ୍ଥାନକୁ ଟାର୍ଗେଟ କରିବ ନାହିଁ। ଭିତ୍ତିଭୂମି ଏବଂ ଏନର୍ଜି ସେକ୍ଟରକୁ ନଷ୍ଟ କରିବନି। କେବଳସାମରିକ କେନ୍ଦ୍ର ଉପରେ ଆକ୍ରମଣକୁ ସୀମିତ ରଖିବା ହେଉଛି ଅନ୍ତର୍ଜାତୀୟ ଯୁଦ୍ଧ ନିୟମ। କିନ୍ତୁ ଇସ୍ରାଏଲ ପ୍ରଥମେ ଏହି ନିୟମ ଉଲ୍ଲଘଂନ କଲା। ପରେ ସବୁ ପକ୍ଷ ଏହାକୁ ପରିହାର କଲେ। ଇରାନର ଏକ ସ୍କୁଲ ଉପରେ ବୋମା ମାଡ଼ ଯୋଗୁ ୧୮୦ରୁ ଅଧିକ ପ୍ରାଣ ହରାଇଲେ। ଇରାନରେ ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି । ସେମାନଙ୍କୁ ହତ୍ୟା ଅମାନବୀୟ। ଇରାନ ମଧ୍ୟ କିଛି କମ ନୁହେଁ। ଉପସାଗରୀୟ ଦେଶର ଅନେକ ଭିତ୍ତିଭୂମି, ଏନର୍ଜୀ ସେକ୍ଟରକୁ ଇରାନ ଧ୍ୱଂସ କରିଛି। ଅନେକ ସାଧାରଣ ଜନତା ନିହତ ହୋଇଛନ୍ତି। ଦୁବାଇ, ଆବୁଧାବି, ରିୟାଦ ଆଦି ବଡ଼ ବଡ଼ ସହରର ଅନେକ ବଡ଼ ବଡ଼ କୋଠା ଧ୍ୱଂସ ହେବା ସହିତ ସେଠାରେ ବାଣିଜ୍ୟ କାରବାର ବନ୍ଦ ହୋଇଯାଇଛି। ଆମେରିକା ମଧ୍ୟ ଏହି ୭ଯୁଦ୍ଧରେ ଅନ୍ତର୍ଜାତୀୟ ନିମକୁ ଉଲ୍ଲଘଂନ କରିଛି। ବିଶ୍ୱର ସବୁଠାରୁ ଶକ୍ତିଶାଳି ରାଷ୍ଟ୍ର ବୋଲଇ ଦାବି କରୁଥିବା ଆମେରିକା ନିକଟରେ ଏହା ଶୋଭା ପାଉନି। ଯାହା ବି ହେଉ ଇରାନ ଉପରେ ଆକ୍ରମଣ ଜାରି ରହିଥିବା ବେଳେ ହଠାତ ରାଷ୍ଟ୍ରପତି ଟ୍ରମ୍ପ ୫ ଦିନ ଲାଗି ଯୁଦ୍ଧ ବିରତି ଘୋଷଣା କଲେ। ଏବେ ସ୍ୱୀକାର କରିବାକୁ ପଡ଼ିବ ଯେ, ଯୁଦ୍ଧରେ ଆମେରିକା ମଧ୍ୟ ବିପୁଳ କ୍ଷତି ସହିଛି। ଏହାର ଅନେକ ଯୁଦ୍ଧ ବସିମାନ ନଷ୍ଟ ହୋଇଛି। ଏହି ଯୁଦ୍ଧ ଯୋଗୁ ଆମେରିକାର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି। ଫଳରେ ନିଜ ଦେଶରେ ଟ୍ରମ୍ପ ପ୍ରବଳ ସମାଲୋଚନାର ଶିକାର ହୋଇଛନ୍ତି। ତାଙ୍କ ଲୋକପ୍ରିୟତା ରସାତଳଗାମୀ ହୋଇଛି। ପୂର୍ବରୁ ବିଶ୍ୱର ଅନ୍ୟାନ୍ୟ ଦେଶ ଟ୍ରମ୍ପଙ୍କୁ ନିନ୍ଦା କରୁଥିଲେ, ଘୃଣା କରୁଥିଲେ। ଏବେ ଖୋଦ ଆମେରିକାର ସାଧାରଣ ନାଗରିକମାନେ ଟ୍ରମ୍ପଙ୍କ ଉତ୍ପାତରୁ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି। ଏବେ ଟ୍ରମ୍ପ ଜଣେ ମାନସିକବିକାରଗ୍ରସ୍ତ ବ୍ୟକ୍ତି ବୋଲି ସବୁଠି ଚର୍ଚ୍ଚା ହେଉଛି। ଯେତେ ଶୀଘ୍ର ସେ କ୍ଷମତାଚ୍ୟୁତ ହେବେ ତାହା ବିଶ୍ୱପାଇଁ ସେତେ ମଙ୍ଗଳକର ହେବ।

# ଭାରତର କାହାଣୀ: ମେଦ ବହୁଳତା, କୂପୋଷଣ ଏବଂ ଖାଦ୍ୟାଭାବ

ଗୋପାଳ ମହାପାତ୍ର ■

ଭାରତ ଏବେ ଏକ ବିରୋଧାଭାଷ ସ୍ଥିତିର ସାମନା କରୁଛି। ଗୋଟିଏ ପଟେ ସ[illegible]ଟିଏ ବର୍ଗ ଅଧିକ ଭୋଜନ ଏବଂ ଅସନ୍ତୁଳିତ ଜୀବନଶୈଳୀ କା[illegible]ରୁ [illegible]ଦ ବହୁଳତାର ଶୀକାର ହେଉଛନ୍ତି ଅନ୍ୟପଟେ ଦେଶର ଅଧିକ ସଂଖ୍ୟକ ଲୋକ ଆଜିବି ପର୍ଯ୍ୟାପ୍ତ ଏବଂ ସନ୍ତୁଳିତ ଭୋଜନରୁ ବଞ୍ଚିତ ଅଛନ୍ତି। ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏଫଏଚଏସ -୫) ଅନୁସାରେ ଦେଶରେ ପାଖାପାଖି ୨୨ରୁ ୨୪ ପ୍ରତିଶତ ପୁରୁଷ ଏବଂ ୨୪ରୁ ୨୬ ପ୍ରତିଶତ ମହିଳା ମେଦ ବହୁଳତାର ଶୀକାର ହୋଇଛନ୍ତି। ପାବ, କେରଳ, ତାମିଲନାଡୁ ଏବଂ ଦିଲ୍ଲୀ ଭଳି ରାଜ୍ୟରେ ଏହି ମେଦ ବହୁଳତାର ହାର ୩୦ ପ୍ରତିଶତରୁ ଅଧିକ ହେଲାଣି। ସହରୀ ସମ୍ପନ୍ନ ବର୍ଗ ଏହାର ଅଧିକ ଭାବେ ଶୀକାର ହେଉଛନ୍ତି। ଏହାର ବିପରିତ କୂପୋଷଣର ଚିତ୍ର ମଧ ଅଧିକ ଚିନ୍ତାଜନକ। ଆନ୍ତର୍ଯାତୀୟ ସଂସ୍ଥା ଯଥା- ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ୟୁନିସେଫ ଏବଂ ଗ୍ଲୋବାଲବର୍ଡ଼ନ ଅଫ ଡିଜିଜର ରିପୋର୍ଟ ଅନୁସାରେ ଭାରତରେ ପ୍ରତିବର୍ଷ ୮ରୁ ୧୦ଲକ୍ଷ ଶିଶୁଙ୍କ ମୃତ୍ୟୁ କୁପୋଷଣ କାରଣରୁ ହୋଇଥାଏ। ଭାରତରେ ପ୍ରତିବର୍ଷ ଯେତେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁ ହେଉଛି ତାର ୬୫ ପ୍ରତିଶତରୁ ଅଧିକ ଶିଶୁଙ୍କର ମୃତ୍ୟୁ କୁପୋଷଣ କାରଣରୁ ହେଉଛି ବୋଲି ଆନ୍ତର୍ଯାତୀୟ ସଂସ୍ଥାମାନେ ସ୍ୱଷ୍ଟ ଭାବରେ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହା ସ୍ୱଷ୍ଟ ସୂଚନା ଦେଇଛି ଯେ ଭାରତରେ କୂପୋଷଣ ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ ବରଂ ଏହା ଏକ ରାଷ୍ଟ୍ରୀୟ ସଙ୍କଟ। କୂପୋଷଣ କାରଣରୁ ଶିଶୁ ବା ପିଲାଙ୍କର ଶାରିରୀକ ଏବଂ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ। କୂପୋଷଣ କାରଣରୁ ପ୍ରତିରୋଧକ କ୍ଷମତା କମିଥାଏ ଫଳତଃ ନିମୋନିଆ, ଡାଇରିଆ ଭଳି ଅନେକ ରୋଗ ହୋଇଥାଏ ଯାହା ଜୀବନ ନେଇଥାଏ। ଏହି କାରଣରୁ କୂପୋଷଣକୁ 'ଛପି ରହିଥିବା ହତ୍ୟାକାରୀ' ବୋଲି ମଧ କୁହାଯାଏ।

କୂପୋଷଣ କାରଣରୁ ଏନିମିଆ ବା ରକ୍ତହୀନତା ଭଳି ସମସ୍ୟା ସୃଷ୍ଟି ହୁଏ ଭାରତରେ ଏନିମିଆ ସମସ୍ୟା ଅଧିକ ଭାବରେ ବଢ଼ିବାରେ ଲାଗିଛି। ୬ମାସରୁ ୫ବର୍ଷର ୬୦ ପ୍ରତିଶତରୁ ଅଧିକ ଶିଶୁ ଏନିମିଆରେ ପୀଡିତ ଏବଂ ୧୫ରୁ ୪୯ ବର୍ଷର ଅଧିକ ମହିଳା ମଧ ଏନିମିଆର ଶୀକାର ହେଉଛନ୍ତି। ଏନିମିଆ କେବଳ ଯେ ସ୍ୱାସ୍ଥ୍ୟକୁ ଦୁର୍ବଳ କରିଥାଏ ତା ନୁହେଁ ଏଥି ଯୋଗୁଁ ମାତୃ ମୃତ୍ୟୁହାର ଏବଂ ଶିଶୁ ମୃତ୍ୟୁହାର ମଧ ବଢୁଛି। ଦେଶରେ ଖାଦ୍ୟାଭାବ ଜନିତ ମୃତ୍ୟୁର ସ୍ଥିତି ମଧ ଜଟିଳ ସ୍ତରରେ ପହଞ୍ଚିଛି। ଯଦିଓ ଖାଦ୍ୟାଭାବ ଜନିତ ମୃତ୍ୟୁ ବାବଦରେ ସଠିକ୍ ତଥ୍ୟ ଉପଲବ୍ଧ ନାହିଁ କିନ୍ତୁ ସତ୍ୟ ଯେ କୂପୋଷଣ ଏବଂ ଖାଦ୍ୟାଭାବ କାରଣରୁ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହେଉଛନ୍ତି। ଏହା କେବଳ ଖାଦ୍ୟର ଉପଲବ୍ଧତା ନୁହେଁ ବରଂ ପୋଷଣ, ସଚେତନତା, ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ପହଞ୍ଚିବାର ପ୍ରଶ୍ନ ଅଟେ। ଏଠାରେ ଏକ ମହତପୂର୍ଣ୍ଣ ପାର୍ଥକ୍ୟକୁ ବୁଝିବା ଆବଶ୍ୟକ। ମେଦବହୁଳତାରୁ ଲୋକେ ମୁକ୍ତି ପାଇ ପାରିବେ ଯଦି ସନ୍ତୁଳିତ ଆହାର, ନିୟମିତ ବ୍ୟାୟାମ ଏବଂ ଅନୁଶାସିତ ଜୀବନ ଶୈଳୀ ଆପଣେଇ ପାରିବେ। କିନ୍ତୁ କୂପୋଷଣ ଏବଂ ଖାଦ୍ୟାଭାବ ଭଳି ସମସ୍ୟାର ସମାଧାନ ବ୍ୟକ୍ତି କରିପାରିବେ ନାହିଁ। ଏଥିପାଇଁ ବ୍ୟାପକ ସରକାରୀ ନୀତି, ସଂସାଧନର ନ୍ୟାୟସଙ୍ଗତ ବିତରଣ ଏବଂ ତଳ ସ୍ତରରେ ପ୍ରଭାବୀ କାର୍ଯ୍ୟନ୍ୱୟନର ଆବଶ୍ୟକତା ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏ ଦିଗରେ ଅନେକ ଯୋଜନା ଆରମ୍ଭ କରିଛନ୍ତି। ସ୍କୁଲରେ ମଧାହ୍ନ ଭୋଜନ ଯୋଜନା, ଅଙ୍ଗନବାଡି ଏବଂ ପୋଷଣ ଅଭିଯାନ ଭଳି ଯୋଜନା କୂପୋଷଣ କୁ ଦୁର କରିବା ପାଇଁ କାର୍ଯ୍ୟକାର କରାଯାଉଛି। ଏସବୁ ଯୋଜନାର ଲକ୍ଷ ହେଉଛି ଶିଶୁ ଓ ମହିଳାଙ୍କୁ ଆବଶ୍ୟକ ପୋଷଣ ଉପଲବ୍ଧ କରାଇବା।

ଅନେକ ଯୋଜନା ପ୍ରଣୟନ ତଥା କାର୍ଯ୍ୟକାରୀ କରାଯାଉଛି। କିନ୍ତୁ ବାସ୍ତବିକତା ହେଉଛି ଯୋଜନାର ଲାଭ ଲୋକଙ୍କ ପାଖରେ ସମାନ ଭାବରେ ପହଞ୍ଚି ପାରୁନାହିଁ। ଅନେକ କ୍ଷେତ୍ରରେ ଗୁଣବତ୍ତା, ଯୋଜନାର କାର୍ଯ୍ୟନ୍ୱୟନର ତଦାରଖ ଏବଂ ସଂସାଧନର ଅଭାବ କାରଣରୁ ଯୋଜନା ବିଫଳ ହେଉଛି। କୂପୋଷଣ ପଛରେ କେବଳ ଖାଦ୍ୟର ଅଭାବ ନୁହେଁ ବରଂ ପୋଷକ ତତ୍ତ୍ୱର ଅଭାବ, ସ୍ୱଚ୍ଛ ଜଳର ଅଭାବ, ଅସ୍ୱଚ୍ଛ ପରିବେଷ, ଶିକ୍ଷାର ଅଭାବ ଏବଂ ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ନ ପହଞ୍ଚି ପାରିବା ଭଳି ଘଟଣା ରହିଛି ଏଣୁ ଏସବୁର ସମାଧାନ ମଧ କରାଯିବା ଜରୁରୀ। କେବଳ ଭୋଜନ ଉପଲବ୍ଧ କରାଇବା ପର୍ଯ୍ୟାପ୍ତ ନୁହେଁ ବରଂ ସଂ୍ଳିତ ଏବଂ ପୌଷ୍ଟିକ ଆହାର ଉପଲବ୍ଧ କରାଇବା ଜରୁରୀ। ମେଦବହୁଳତା ଦୁର ପାଇଁ ଏବେ ଅଭିଯାନ ଚାଲିଛି ତା ସହ କୂପୋଷଣ ଏବଂ ଖାଦ୍ୟାଭାବ ସମସ୍ୟାର ସମାଧାନ ପାଇଁ ଏକ ସଶକ୍ତ ରାଷ୍ଟ୍ରୀୟ ରଣନୀତି ପ୍ରସ୍ତୁତ କରାଯିବା ଆବଶ୍ୟକ। ଯୋଜନା ପ୍ରଣୟନ କରିବା ସହ ଏହାର କାର୍ଯ୍ୟକାରିତାକୁ ମଧ ତଦାରଖ କରାଯିବା ଉଚିତ୍। ଏ ବାବଦରେ ସଚେତନତା ସୃଷ୍ଟି କରିବା ମଧ ଜରୁରୀ ହୋଇପଡିଛି। ଯେ ପର୍ଯ୍ୟନ୍ତ ଦେଶର ପ୍ରତିଟି ଶିଶୁ ଓ ପ୍ରତ୍ୟେକ ମହିଳାଙ୍କୁ ପର୍ଯ୍ୟାପ୍ତ ପୋଷଣ ନମିଳିଛି ସେପର୍ଯ୍ୟନ୍ତ 'ସୁସ୍ଥ ଭାରତ'ର ସ୍ୱପ୍ନ ପୁରଣ ହୋଇପାରିବ କେମିତି ? ଏଣୁ ଏକଥା ଭାବିବା ଉଚିତ୍ ଯେ ମେଦ ବହୁଳତାକୁ ନିୟନ୍ତ୍ରିତ କରିବା ଜରୁରୀ କିନ୍ତୁ ତା ଠାରୁ ଅଧିକ ଜରୁରୀ ହେଉଛି କୂପୋଷଣ ଏବଂ ଖାଦ୍ୟାଭାବକୁ ସମାପ୍ତ କରିବା। ଏହା ହୋଇପାରିଲେ ଦେଶ ଏକ ସୁସ୍ଥ ସଶକ୍ତ ଏବଂ ସମୃଦ୍ଧ ଭବିଷ୍ୟତ ଆଡକୁ ଆଗେଇ ପାରିବ।

ରାମଚନ୍ଦ୍ରପୁର, ରଣପୁର,ମୋ -୯୪୩୮୪୮୫୦୯୪

# ଅଧା ବିଶ୍ୱ ପାଇଁ ଜଳ ସଙ୍କଟ ଓ ଅସନ୍ତୁଳନ ବିଶ୍ୱ !

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ବସନ୍ତ ରତୁ ସରିନି, ସକାଳୁ ସକାଳୁ ଥଣ୍ଡାଳିଆ ପାଗ, ମର୍ଣ୍ଣିଂ ୱାର୍କ ପାଇଁ ବହୁତ ବଢ଼ିଆ ସମୟଟି। ଆଉ ବସନ୍ତ ରତୁକଥା କହିଲେ କୋଇଲି କଥା ଉଠିବ ନିଶ୍ଚୟ। ବର୍ତ୍ତମାନର ଭୌଗୋଳିକ ଓ ପାଣିପାଗ ଜନିତ ପରିବେଷ୍ଟନୀର ଅବ୍ୟବସ୍ଥା ଯାହା ପାହାନ୍ତି ସକାଳର ବା ପାହାନ୍ତି ମୁହୂର୍ତ୍ତର କୋଇଲିର କୁହୁ କୁହୁ ତାନ ଏବେ ଖରାବେଳେ ମଧ ଶୁଭୁଛି। ଗୋଟିଏ ଧାଡ଼ିରେ କହିବାକୁ ଗଲେ ସମଗ୍ର ପରିବେଶ ଓ ପାଣି ପାଗ ଏକ ବହୁତ ବଡ଼ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ ଯାଉଛି। ଆମ୍ଭ ମାନଙ୍କର କାର୍ଯ୍ୟକଳାପ ଯୋଗୁଁ ତମାମ ବିଶ୍ୱ ବର୍ତ୍ତମାନ ଅସନ୍ତୁଳନର ଗୋଟାଏ ବିପର୍ଜ୍ୟନକ ପର୍ଯ୍ୟାୟରେ ପ୍ରବେଶ କରିଛି ବୋଲି ବୈଜ୍ଞାନିକ ଓ ପରିବେଶ ବିଜ୍ଞାନୀ ମାନେ ମଧ ସାବଧାନ କରାଇ ଦେଇଛନ୍ତି। ନିକଟରେ ବୈଷୟିକ ଜଳବାୟୁ ମୂଲ୍ୟାୟନର ଯାହା ରିପୋର୍ଟ ପ୍ରକାଶ ପାଇଛି ତାହା ଆଖି ତରାଟି ଦେଲାଭଳି। ୨୦୧୫ରୁ ୨୦୨୫ ଅର୍ଥାତ୍ ଏଗାର ବର୍ଷ ଭିତରେ ଅସହ୍ୟ ଗରମ ବା ନାହିଁ ନଥିବା ଗରମ ଅନୁଭୂତ ହୋଇଛି। ତେବେ ଖାଲି ପାଣିପାଗର ଏହି ଉଦବେଗ ଏକା ହୋଇ ରହିନାହିଁ ଅନ୍ୟ ଏକ ସମ୍ଭାବିତ ଦିଗଟି ମଧ ଆମ ସମସ୍ତଙ୍କ ପାଇଁ ଚିନ୍ତାଜନକ ନିଶ୍ଚୟ। ନିକଟରେ ବିଶ୍ୱସ୍ତରୀୟ ପରିସଂଖ୍ୟନର ତଥ୍ୟ ଯାହା ସୂଚୀତ କରିଛି ତାହାକୁ ଆଧାର କରିଦେଖିଲେ ବିଶ୍ୱର ଅଧା ଜନସଂଖ୍ୟା ଏବେ ଜଳ ସଙ୍କଟ ଦେଇ ଗତି କରୁଛି। ଅର୍ଥାତ୍ ୪୦୦ କୋଟି ଲୋକ ଘୋର ଜଳ ସଙ୍କଟରେ ରହିଛନ୍ତି। ଜାତିସଂଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଏଭଳି ଉଦବେଗଜନକ ତଥ୍ୟ ଦିଆଯାଇଛି। କେବଳ ସେତିକି ନୁହେଁ, ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ଅଧା ଅର୍ଥାତ୍ ୫୦ଟି ସହର ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଉଛି। ଏଥିରେ ଦିଲ୍ଲୀ, ବେଜିଂ, ନ୍ୟୁୟର୍କ ଭଳି ସହର ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଯାଇଛି। ଏଥିରେ ଭାରତର ରାଜଧାନୀ ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ୯ମ, ମୁମ୍ବାଇ ଦ୍ୱାଦଶ, ବେଙ୍ଗାଲୁର ୨୪ତମ ଓ ଚେନ୍ନାଇ ୨୯ତମ ସ୍ଥାନରେ ରହିଛି। ହାଇଦ୍ରାବାଦ, ଅମହଦାବାଦ, ସୁରତ ଓ ପୁଣେ ମଧ ଦୀର୍ଘକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

ଆଫଗାନିସ୍ଥାନ ରାଜଧାନୀ କାବୁଲ ସମ୍ପୂର୍ଣ୍ଣ ଜଳଶୂନ୍ୟ ହେବାରେ ପ୍ରଥମ ଆଧୁନିକ ସହର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅତ୍ୟଧିକ ଭୂତଳ ଜଳ ବ୍ୟବହାର କାରଣରୁ ମେକ୍ସିକୋ ସିଟି ପ୍ରତିବର୍ଷ ପ୍ରାୟ ୨୦ ହଜାର ଇଞ୍ଚ ତଳକୁ ଧସିବା ଅର୍ଥାତ୍ ଦବିବାରେ ଲାଗିଛି। ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟ ଗୁଡ଼ିକରେ କଲୋରଡ଼ା ନଦୀ ଜଳକୁ ନେଇ ଟଣାଓଟରା ଚାଲିଛି। ମଝିରେ ଆମେ ଏକ ଆଶ୍ଚର୍ଯ୍ୟଜନକ ଖବର ଦେଖିଥିଲେ ଯେ ଦୁବାଇ, କୁଏତ ଓ ସାଉଦିଆରବରେ ଅନେକ ବର୍ଷ ପରେ ଅଚାନକ ବର୍ଷା ହୋଇ ମରୁଭୂମିର ଏହି ମୂଳକରେ ବନ୍ୟା ଦେଖିବାକୁ ମିଳିଥିଲା। ଆରବ ମରୁ ରାଜ୍ୟରେ ବନ୍ୟା, ଏ ଦୃଶ୍ୟଟି ସମଗ୍ର ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା ମଧ। ପାଣିପାଗର ସନ୍ତୁଳନ କିପରି ଭୟାନକ ଭାବେ ବିଗିଡ଼ି ଯାଇଛି ଏହିଥିରୁ ଅନୁମାନ କରନ୍ତୁ।

ରିପୋର୍ଟ ଅନୁଯାୟୀ ନଦୀ ଏବଂ ହ୍ରସ ସଙ୍କୁଚିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଉଛି ଓ ଆର୍ଦ୍ରଭୂମି ଶୁଖି ଯାଉଛି। ଜମି କମି ଯାଉଛି, ଗର୍ତ୍ତ ସୃଷ୍ଟି ହେଉଛି ଏବଂ ମରୁଭୂମି ବିସ୍ତାର ହେଉଛି। ପ୍ରତିବର୍ଷ ୪ ବିଲିଅନ ବା ୪୦୦ କୋଟି ଲୋକ ଅତିକମରେ ଗୋଟିଏ ମାସ ପାଇଁ ଜଳାଭାବର ଶିକାର ହେଉଛନ୍ତି। ଇରାନ ରାଜଧାନୀ ଦେହେରାନ କ୍ରମାଗତ ଷଷ୍ଠ ବର୍ଷ ପାଇଁ ମରୁଡ଼ିର ସମ୍ମୁଖୀନ ହେଉଛି ଓ ଡେ ଜିରୋ ଅର୍ଥାତ୍ ଶୂନ୍ୟ ଦିନର ବହୁତ ନିକଟତର ହେଉଛି। ଅତ୍ୟଧିକ ଜଳ ସଙ୍କଟ ବା ମୌଳିକ ଆବଶ୍ୟକତାର ପୂରଣ ପାଇଁ ପାଣିର ଅଭାବକୁ ଡେ ଜିରୋ ବୋଲି କୁହାଯାଇଥାଏ। ଇରାନରେ ନିକଟ ଭବିଷ୍ୟତରେ ଏପରି ଦିନ ଆସିବ ଯେଉଁ ଦିନ ନାଗରିକଙ୍କ ପାଇଁ ପାଣି ରହିବ ନାହିଁ। ଦକ୍ଷିଣ ଆଫ୍ରିକା ରାଜଧାନୀ କେପ ଟାଉନ ଓ ଚେନ୍ନାଇ ମଧ ପୂର୍ବରୁ ଏହି ସ୍ଥିତିରେ ପହଞ୍ଚି ସାରିଛନ୍ତି।

ଜାତିସଂଘ ବିଶ୍ୱବିଦ୍ୟାଳୟ ଜଳ, ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ତଥ୍ୟ ଅନୁଯାୟୀ ଆମକୁ ଏକ ନୂତନ ଓ ସୀମିତ ବାସ୍ତବତା ସହ ବଞ୍ଚିବା ଶିଖିବାକୁ ପଡ଼ିବ। ୧୯୯୦ ପରଠାରୁ ବିଶ୍ୱର ଅଧା ପ୍ରମୁଖ ହ୍ରଦ ଜଳ ହରାଇବାରେ ଲାଗିଛି। ଭୂତଳ ଜଳ ଭଣ୍ଡାର ନିରନ୍ତର ୭୦ ପ୍ରତିଶତ ହ୍ରାସ ପାଇଛି। ଗତ ୫୦ ବର୍ଷ ମଧରେ ୟୁରୋପ ଅନେକ ଆର୍ଦ୍ରଭୂମି ଅଦୃଶ୍ୟ ହୋଇଗଲାଣି। ୧୯୭୦ ପର ଠାରୁ ହିମପ୍ରବାହ ପ୍ରାୟ ୩୦ ପ୍ରତିଶତ ସଙ୍କୁଚିତ ହୋଇଛି। ତେଣୁ ଆଗକୁ ବିଶ୍ୱ ପାଇଁ ଏକ ମହାଜଳ ସଙ୍କଟ ସ୍ଥିତି ଆସୁଛି ବୋଲି ଧରି ନେବାକୁ ହେବ। ସାରା ବିଶ୍ୱର ଅଧିବାସୀ ଏ ନେଇ ସଚେତନ ହେବାର ଆବଶ୍ୟକତା ରହିଛି। ସବୁଠାରୁ ବଡ଼କଥା ହେଉଛି ଆମ୍ଭେମାନେ ପ୍ରାକୃତିକ ଅନେକ ଜଳ ଉତ୍ସକୁ ଏହା ଉପରେ କଂକ୍ରିଟ ଜଙ୍ଗଲ ଗଢ଼ି ଏହାର ସ୍ରୋତକୁ ବନ୍ଦ କରିଦେଉଛୁ ଯାହାର କୁପରିଣତି ସ୍ଥାନୀୟ ଅଧିବାସୀଙ୍କୁ ଭୋଗିବାକୁ ପଡୁଛି ମଧ। ସେହିପରି ଅବିରତ ଭାବେ ଆମ୍ଭେମାନେ ଅନେକ କ୍ଷେତ୍ରରେ ଜଳ ନଷ୍ଟ କରୁଛୁ। ଆପଣ ଅନେକ ସ୍ଥାନରେ ରାସ୍ତାରେ ଗଲାବେଳେ ଲକ୍ଷ୍ୟ ରଖିଥିବେ ରାସ୍ତାକଡ଼ର ଟ୍ୟାପରୁ ଦିନ ରାତି ପାଣି ବୋହି ଚାଲିଥିବ। ଏପଟେ ଆମେ ଏହି ରାଜ୍ୟରେ ମଧ ବାସ କରୁଛେ ଯେଉଁଠି କି ରାଜ୍ୟର କିଛି ଉପାନ୍ତ ଓ ପାର୍ବତ୍ୟ ଘେରା ଅଞ୍ଚଳରେ ସ୍ଥାନୀୟ ଲୋକମାନେ ଅନେକ ବାଟ ଚାଲି ଚାଲି ଯାଉଛନ୍ତି। ସେହିପରି ବିଭିନ୍ନ ସଫା ସଫି ଓ ଅଯଥା ସୌଖିନ କାର୍ଯ୍ୟ ପାଇଁ ଆମେମାନେ ମଧ ଅପର୍ଯ୍ୟାପ୍ତ ଜଳ ନଷ୍ଟ କରୁଛୁ। ଜଳ ଯେ କେତେ ମୂଲ୍ୟବାନ ଆମେ ବ୍ୟକ୍ତିଗତ ଜୀବନରେ ଅନୁଭବ କରିଛେ। ପାଣି ମୁନ୍ଦାଏ ପାଇଁ ଅନେକ ଲୋକଙ୍କ ଜୀବନ ଅକାଳରେ ଚାଲିଯିବାର ଖବର ଆମ ଆଖପାଖରେ ଅନେକଙ୍କ ଠାରେ ଦୁଃଖଦ ଅନୁଭୂତି ଭାବରେ ଥିବ। ତେଣୁ ସମୟ ପହଞ୍ଚିଛି ପ୍ରକୃତିର ଏହି ଶକ୍ତି ଅସନ୍ତୁଳନ କଥା ଚିନ୍ତା କରିବା ବୈଜ୍ଞାନିକମାନେ ମଧ ସହଯେ ସତର୍କ କରିସାରିଲେଣି ଯେ ପୃଥିବୀରେ ଗଚ୍ଛିତ ଥିବା ବରଫ ହ୍ରାସ ପାଇଚାଲିଛି ପ୍ରାୟ ଏକ ଦଶନ୍ଧି ହେବ ସମୁଦ୍ର ଉତ୍ତାପ ମଧ ରେକର୍ଡ଼ ସ୍ତରରେ ପହଞ୍ଚିଛି। ଏଥିଯୋଗୁଁ ଭୀଷଣ ବାତ୍ୟା, ସାମୁଦ୍ରିକ ଝାଞ୍ଜି ଏହାର ପ୍ରଭାବରେ ବନ୍ୟା ଓ ମରୁଡ଼ି ପରି ଅନେକ ପ୍ରକୃତିଗତ କୁ ପ୍ରଭାବ ପରିଲକ୍ଷିତ ହେବ। ଦୁଃଖ ଏଇଠି ମଧ ସରିନାହିଁ। ଆମ୍ଭେମାନେ ପରିବେଶକୁ ଦିନକୁ ଦିନ ଯେଉଁପରି ଭାବରେ କାର୍ବନଡାଇଅକ୍ସାଇଡ଼, ମିଥେନ, ନାଇଟ୍ରସ ଅକ୍ସାଇଡ଼ ଭଳି ଗ୍ରୀନ ହାଉସ ଗ୍ୟାସ ବା ଉତ୍ତାପ ଆବଦ୍ଧକାରୀ ବାଷ୍ପ ବଢ଼ାଇବାରେ ପ୍ରମୁଖ ଓ ପରୋକ୍ଷ ଭୂମିକା ନିର୍ବାହ କରୁଛେ ଏହା ତମାମ ବିଶ୍ୱର ଶକ୍ତି ସନ୍ତୁଳନର ବିଭ୍ରାଟ ଘଟାଇବା ପାଇଁ ଯଥେଷ୍ଟ। ବୈଜ୍ଞାନିକଙ୍କ ତଥ୍ୟ ଏହା ମଧ ସ୍ପଷ୍ଟ କରିଛି ଯେ ଜଳବାୟୁ ପରିବର୍ତ୍ତନ କେବଳ ଭୟାନକ ଜଳ ସଙ୍କଟ ନୁହଁ ଖାଦ୍ୟ ସଙ୍କଟ, ସ୍ୱାସ୍ଥ୍ୟ ସମସ୍ୟା ଓ ବିଭିନ୍ନ ସଂକ୍ରାମକ, ଆକସ୍ମିକ ଓ ଦୀର୍ଘକାଳୀନ ରୋଗ ବ୍ୟାପିବା ପାଇଁ ମଧ ଜଡ଼ିତ। ଯାହାର ବିପର୍ଯ୍ୟୟର କୁପରିଣତି ନିମିତ୍ତ ବିପୁଳ ଲୋକ ବାସହରା ହେବେ। ତେଣୁ ଏସବୁ ଦିଗକୁ ଦେଖି ଜଳ ସଙ୍କଟ ଠାରୁ ବିଶ୍ୱରେ ସନ୍ତୁଳନର କିପରି ଯଥାର୍ଥ ଉତ୍ତରଦାୟୀ ଭୂମିକା ନିର୍ବାହ କରିବା ଆସନ୍ତୁ ଏହି ଦାୟିତ୍ୱରେ ଆମେ ସମସ୍ତେ ନିଜକୁ ସାମିଲ କରିବା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬

# ଖାଲସା ପନ୍ଥ ନିର୍ମାଣରେ ଓଡିଶାର ଐତିହାସିକ ଭୂମିକା

ଅଡ. ସମନ୍ୱୟ ନନ୍ଦ

ପଣା ସଂକ୍ରାନ୍ତି ହେଉଛି ଓଡିଆ ନବ ବର୍ଷ । ତେଣୁ ଓଡିଶା ପାଇଁ ଏହା ଖୁବ ଅଧିକ ସାମାଜିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରିଥାଏ । ହେଲେ ପଣା ସଂକ୍ରାନ୍ତିର ଦିନ ଇତିହାସରେ ଲିପିବଦ୍ଧ ହୋଇଥିବା ଏକ ଐତିହାସିକ ଘଟଣାକୁ ବୋଧ ହୁଏ ଓଡିଶାବାସୀ ମାନେ ଭୁଲି ଯାଇଛନ୍ତି । ଇତିହାସର ଛାତ୍ର ମାନେ ଜାଣନ୍ତି ଯେ, ଆଜି ଠାରୁ ପ୍ରାୟ ୩ ଶହ ୨୫ ବର୍ଷ ପୂର୍ବେ ୧୬୯୯ରେ ପଣା ସଂକ୍ରାନ୍ତି (ଯାହାକୁ ପଂଜାବରେ ବୈଶାଖୀବୋଲି କୁହାଯାଇଥାଏ) ଦିନ ସପ୍ତସିନ୍ଧୁ କ୍ଷେତ୍ରରେ ସତଲୁଜ ନଦୀ କୂଳରେ ଏକ ବିଶାଳ ରାଷ୍ଟ୍ରୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଭାରତର ଦଶ ଗୁରୁ ପରମ୍ପରାର ଦଶମ ଗୁରୁ ଶ୍ରୀ ଗୋବିନ୍ଦ ରାୟ ଏହି ଆୟୋଜନ କରିଥିଲା । ସେତେବେଳେ ମଧ ଏସିଆର ମୋଗଲ ଇସଲାମୀ ଆକ୍ରମଣକାରୀ ମାନେ ଦେଶର ବିଭିନ୍ନ ଅଂଚଳ ଉପରେ କବଜା କରି ସାରିଥିଲେ । ଔରଙ୍ଗଜେବର ଶାସନ ଥିଲା । ସେ ଭାରତୀୟ ମାନଙ୍କୁ ଇସଲାମରେ ମତାନ୍ତରିତ କରୁଥିଲା । ବିଦେଶୀ ଆକ୍ରମଣକାରୀ ମାନେ ସାରା ଦେଶରେ ଥିବା ସଂସ୍କୃତିର କେନ୍ଦ୍ର ଅର୍ଥାତ ମନ୍ଦିର ଗୁଡିକୁ ଭାଙ୍ଗୁଥିଲେ । ଏହି କାରଣରୁ ମନ୍ଦିର ମାନଙ୍କରେ ଆରତୀ ଓ ଅନ୍ୟ ରୀତି ନୀତି ବାଧାପ୍ରାପ୍ତ ହେଉଥିଲା । ଦଶ ଗୁରୁ ପରମ୍ପରାର ପ୍ରଥମ ଗୁରୁ ନାନକ ଦେବ ଥରେ ପୁରୀ ଆସିଥିଲେ । ସେତେବେଳେ ସେ କହିଥିଲେ ଯେ ଶ୍ରୀଜଗନ୍ନାଥଙ୍କ ଆରତୀକୁ କିଏ ବନ୍ଦ କରି ପାରିବ ? ସମସ୍ତ ପ୍ରକୃତି ଶ୍ରୀଜଗନ୍ନାଥଙ୍କ ଆରତୀ କରୁଛି । ଆକାଶରେ ଜଳୁଥିବା ତାରା ଗୁଡିକ ଶ୍ରୀଜଗନ୍ନାଥଙ୍କ ଆଗରେ ଦୀପ ଭାବେ ଜଳୁଛନ୍ତି । ମଳୟାନଳରୁ ଆସୁଥିବା ସୁଗନ୍ଧିତ ବାୟୁ ଶ୍ରୀଜଗନ୍ନାଥଙ୍କ ଆଗରେ ଜଳୁଥିବା ଧୂପ ।

ସେହି ଗୁରୁ ନାନକ ଦେବଙ୍କ ପରମ୍ପରାରେ ଦଶମ ଗୁରୁ ଗୋବିନ୍ଦ ରାୟ ସାରା ଦେଶର ଯୁବକ ମାନଙ୍କୁ ଦେଶ ଓ ଧର୍ମର ରକ୍ଷା ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ପଂଜାବ ଡାକିଥିଲେ । ତାଙ୍କର ଏହି ବାର୍ତା ଓଡିଶା ଯାଏ ପହଂଚିଥିଲା । ସାରା ପୂର୍ବ ଭାରତରେ ଏ ନେଇ ଚର୍ଚ୍ଚା ଆଲୋଚନା ହେଉଥିଲା । ଓଡିଶାରେ ଗୁରୁଜୀଙ୍କ ବାର୍ତା ଗାଁ ଗାଁରେ ପହଂଚିବାରେ ଲାଗିଥିଲା । ଦେଶ ଓ ଧର୍ମର ରକ୍ଷା ପାଇଁ ମୋଗଲ ମାନଙ୍କୁ ବିତାଡିତ କରିବାର ସୁଯୋଗ ଉପନୀତ ହେଉଥିଲା । ସାରା ଦେଶ ଏକଜୁଟ ହେବାରେ ଲାଗିଥିଲା । ଯୁବକ ମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଦେଖିବାକୁ ମିଳୁଥିଲା । ପୁରୀ ଶ୍ରୀମନ୍ଦିରରେ ପାଣି ଯୋଗାଉଥିବା ହିମ୍ମତ ରାୟ ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ସାମିଲ ହେବାକୁ ନିଷ୍ପତି ନେଇଥିଲେ । ଏହା ସହିତ ଅନେକ ଯୁବକ ସେଠାକୁ ଯିବାକୁ ମନ ସ୍ଥିର କରି ସାରିଥିଲେ । ସମ୍ପୂର୍ଣ୍ଣ ଓଡିଶାରୁ ଅନେକ ଯୁବକ ଭିନ୍ନ ଭିନ୍ନ ସମୂହ ହୋଇ ପଂଜାବ ଆଡକୁ ଯାଉଥିଲେ । କିନ୍ତୁ ସେମାନେ ଗୋଟିଏ କଥା ଉପରେ ସେମାନେ ଧ୍ୟାନ ଦେଉଥିଲେ । ମୋଗଲ କିମ୍ବା ସେମାନଙ୍କ ଅଧୀନରେ ଥିବା ଶାସକ ଓ ତାଙ୍କର ଗୁପ୍ତଚର ମାନଙ୍କୁ ଏ ବିଷୟରେ ଯେପରି ସୂଚନା ନ ମିଳିବ । ହିମ୍ମତ ରାୟ ଓ ତାଙ୍କର ସାଥୀ ମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟକେ ସାଷ୍ଟାଙ୍ଗ ପ୍ରଣିପାତ କରି ପଂଜାବର ଆନନ୍ଦପୁର ସାହେବ ଅଭିମୁଖେ ବାହାରିଲେ । ତାଙ୍କ ଭିତରେ ନୂଆ ଶକ୍ତିର ସଂଚାର ହେଲା । ତାଙ୍କୁ ମନେ ହେଉଥିଲା ଯେ ସେ ମହାପ୍ରଭୁଙ୍କ ଆଦେଶରେ ଏହି ରାଷ୍ଟ୍ରୀୟ ଯଜ୍ଞରେ ସାମିଲ ହେବାକୁ ଯାଉଛନ୍ତି ।

ଅନେକ ମାସର ଲମ୍ବା ଯାତ୍ରା କରିବାକୁ ଥିଲା । ଧୀରେ ଧୀରେ ଏହି କଠିନ ଯାତ୍ରାକୁ ଶେଷ କରି ହିମ୍ମତ ରାୟ ନିଜର ସାଥୀ ମାନଙ୍କ ସହ ପଂଜାବର ଶିବାଳିକ ଚରଣରେ କଳ କଳ ହୋଇ ପ୍ରବାହିତ ହେଉଥିବା ସତଲୁଜ ନଦୀର କୂଳରେ ପଣା ସଂକ୍ରାନ୍ତି (ବୈଶାଖୀ)ର କିଛି ଦିନ ପୂର୍ବରୁ ପହଂଚି ଯାଇଥିଲେ । ଦେଶର କୋଣ-ଅନୁକୋଣରୁ ଲୋକ ମାନେ ଆସୁଥିଲେ । ସମସ୍ତେ ଗୁରୁଜୀଙ୍କ ସହ ମନ୍ତ୍ରଣା କରୁଥିଲେ । ପ୍ରତ୍ୟେକ ଅଂଚଳରୁ ଆସୁଥିବା ଲୋକ ମାନେ ବିଦେଶୀ ଆକ୍ରମଣକାରୀ ମାନଙ୍କ ଦ୍ୱାରା କରାଯାଉଥିବା ଅତ୍ୟାଚାରର କାହାଣୀ ଶୁଣାଉଥିଲେ । ହିମ୍ମତ ରାୟ , ଗୋବିନ୍ଦ ରାୟଙ୍କ ନାମ ତ ପୂର୍ବରୁ ଶୁଣିଥିଲେ ହେଲେ ପ୍ରଥମ ଥର ପାଇଁ ତାଙ୍କର ଦର୍ଶନ କରୁଥିଲେ । ସପ୍ତ ସିନ୍ଧୁ ଅଂଚଳରେ ଘଟୁଥିବା ଘଟଣା ସମ୍ପର୍କିତ ଖବର ଛାଣି ହୋଇ କିଛି କିଛି ମାତ୍ରାରେ ପୁରୀରେ ପହଂଚୁଥିଲା । କାରଣ ଅନେକ ଜାଟ, ବଲୋଚ, ସିନ୍ଧୀ, ପଶ୍ତୁନ ମାନେ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସୁଥିଲେ । ସେତେବେଳେ ବଲୋଚ ଓ ପଶ୍ତୁନ ମାନେ ଭଗବାନ ବୁଦ୍ଧଙ୍କର ଉପାସକ ଥିଲେ ।

ଗୋବିନ୍ଦ ରାୟଙ୍କ ଚେହେରାର ତେଜ ଦେଖି ହିମ୍ମତ ରାୟଙ୍କ ମନରେ ଦୃଢ ବିଶ୍ୱାସ ଜନ୍ମ ନେବାରେ ଲାଗିଲା ଯେ ଦେଶକୁ ମୋଗଲ ମାନଙ୍କ ଠାରୁ ସ୍ୱାଧୀନ କରାଯାଇ ପାରିବ । ପଣା ସଂକ୍ରାନ୍ତି (ବୈଶାଖୀ) ଦିନ ଗୋବିନ୍ଦ ରାୟ ଦେଶର ବିଭିନ୍ନ କୋଣ- ଅନୁକୋଣରୁ ଆସିଥିବା ଯୁବକ ମାନଙ୍କୁ ଉଦବୋଧନ ଦେବାକୁ ମଂଚ ଉପରକୁ ଚଢିଲେ । ଏଭଳି ମନେ ହେଉଥିଲା ଯେ ସୂର୍ଯ୍ୟଙ୍କର ଉଦୟ ହୋଇଯାଇଛି । ଅଗ୍ନି ଦେବ ସ୍ୱୟଂ ପ୍ରକଟ ହୋଇଯାଇଛନ୍ତି । ଗୁରୁଜୀ ନିଜ ହାତରେ ଖଡ୍ଗ ନେଇ ଗର୍ଜନା କରି କହିଲେ, ଦେଶ ଓ ଧର୍ମର ରକ୍ଷା ପାଇଁ, ମାତୃଭୂମି ପାଇଁ ନିଜର ପ୍ରାଣ ଅର୍ପଣ କରିବାକୁ କଣ କେହି ପ୍ରସ୍ତୁତ ଅଛନ୍ତି ? ଗୁରୁଜୀଙ୍କ ଏହି ସିଂହ ଗର୍ଜନା ଶୁଣି ଚାରିଆଡେ ନୀରବତା ଦେଖା ଦେଇଥିଲା । ଏହା ପରେ ଜଣେ ପରେ ଜଣେ ପାଂଚ ଜଣ ବୀର ମାତୃଭୂମି ଓ ଧର୍ମ ପାଇଁ ନିଜର ପ୍ରାଣ ଦେବାକୁ ମଂଚ ଉପରକୁ ଆସିଥିଲେ । ଇତିହାସରେ ଏହି ପାଂଚ ଜଣଙ୍କୁ ପଂଚ ପ୍ୟାରା ବୋଲି କୁହାଯାଇଥାଏ । ଏହି ପଂଚ ପ୍ୟାରା ମାନଙ୍କ ମଧ୍ୟରେ ଜଣେ ଆମ ରାଜ୍ୟର ଅର୍ଥାତ ପୁରୀର ହିମ୍ମତ ରାୟ ମଧ୍ୟ ଥିଲେ । ଗୁରୁଜୀ ଏହି ପାଂଚ ଜଣ ବୀରଙ୍କୁ ନେଇ ଖାଲସା ପନ୍ଥର ପ୍ରତିଷ୍ଠା କରିଥିଲେ । ତାଙ୍କୁ ଅମୃତ ପାନ କରା ଗଲା । ତାଙ୍କୁ ସିଂହ କରି ଦିଆଗଲା । ଏବେ ହିମ୍ମତ ରାୟ ହିମ୍ମତ ସିଂହ ହୋଇଗଲେ ଓ ଗୁରୁଜୀ ସ୍ୱୟଂ ଗୋବିନ୍ଦ ରାୟରୁ ଗୋବିନ୍ଦ ସିଂହ ହୋଇ ଯାଇଥିଲେ । ଗୁରୁଜୀ ସମ୍ପୂର୍ଣ୍ଣ ଦେଶରେ ନୂଆ ଚେତନା ଜାଗ୍ରତ କରାଇ ଦେଇଥିଲେ । ଜାତି- ପାତିକୁ ଭୁଲି ସାରା ଦେଶ ଏକ ହେଲେ ହିଁ ମୋଗଲ ମାନଙ୍କ ଠାକୁ ମାତୃଭୂମିକୁ ମୁକ୍ତ କରାଯାଇ ପାରିବ । ସମ୍ପୂର୍ଣ୍ଣ ଦେଶରୁ ଯାଇ ପଂଜାବରେ ଏକତ୍ରିତ ହୋଇଥିବା ଯୁବକ ମାନେ ଗୁରୁଜୀଙ୍କ ଏହି ବାର୍ତାକୁ ପହଂଚାଇବାକୁ ନିଜ ନିଜ ଅଂଚଳ ଆଡକୁ ଅଗ୍ରସର ହେଲେ । ହିମ୍ମତ ସିଂହଙ୍କ ସହ ପୁରୀରୁ ଯାଇଥିବା ସାଥୀ ମାନେ ମଧ୍ୟ ପ୍ରତ୍ୟାବର୍ତନ କରିବାର ପ୍ରସ୍ତୁତି କରିବା ଆରମ୍ଭ କଲେ । ହେଲେ ହିମ୍ମତ ସିଂହ ଆଉ ଏବେ ଫେରିବେ ନାହିଁ। ଏବେ ତାଙ୍କ କାନ୍ଧରେ ବଡ ଦାୟିତ୍ୱ ଆସି ଯାଇଥିଲା । ଏହି ଦାୟିତ୍ୱ ଥିଲା ଦେଶକୁ ମୋଗଲ ମାନଙ୍କ କବଳରୁ ମୁକ୍ତ କରିବାର ଦାୟିତ୍ୱ । ତାଙ୍କର ସାଥୀ ମାନଙ୍କର ଆଖିରୁ ଲୁହ ବାହାରୁଥିଲା । ଏଭଳି ଭାବେ ସେମାନେ ବିଦାୟ ନେଲେ । ୧୭୦୫ ମସିହା ଡିସେମ୍ବର ମାସ ୭ ତାରିଖ ଦିନ ଗୁରୁ ଗୋବିନ୍ଦ ସିଂହଙ୍କ ନେତୃତ୍ୱରେ ମୋଗଲ ମାନଙ୍କ ସହ ମାତୃଭୂମିର ରକ୍ଷା ପାଇଁ ଲଢେଇ କରି ହିମ୍ମତ ସିଂହ ସର୍ବୋଚ୍ଚ ବଳିଦାନ ଦେଇଥିଲେ । କିନ୍ତୁ ଓଡିଶା ବୋଧ ହୁଏ ତାର ଏହି ବୀର ସୁପୁତ୍ରକୁ ଭୁଲି ଗଲା । ଆଜି ତାଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଜଣାଇବାର ସମୟ । ସମଗ୍ର ଓଡିଶା ତାଙ୍କ ନିକଟରେ ସର୍ବଦା କୃତଜ୍ଞ ରହିଥିବ ଓ ଆଗାମୀ ପୀଢୀ ମାନେ ତାଙ୍କ ଜୀବନରୁ ପ୍ରେରଣା ନେଉଥିବେ ।



## ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ସଂଶୋଧନ ବିଲ୍ ଦକ୍ଷିଣ ଭାରତୀୟ ରାଜ୍ୟଙ୍କ ପ୍ରତି ଐତିହାସିକ ଅନ୍ୟାୟ

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ସଭାପତି ଏମକେ ଷ୍ଟାଲିନ ବୁଧବାର କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ସଂଶୋଧନ ବିଲ୍କୁ ତାମିଲନାଡୁ ଏବଂ ଅନ୍ୟାନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ପ୍ରତି ଐତିହାସିକ ଅନ୍ୟାୟ ବୋଲି ଅଭିହିତ କରିଛନ୍ତି । ଏହା ବିରୋଧରେ ଆସନ୍ତାକାଲି ରାଜ୍ୟବ୍ୟାପୀ କଳା ପତାକା ପ୍ରଦର୍ଶନ ପାଇଁ ଷ୍ଟାଲିନ୍ ଆହ୍ୱାନ ଦେଇଛନ୍ତି । ଷ୍ଟାଲିନ୍ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ପ୍ରଶ୍ନ କରିଛନ୍ତି ଯେ, ଭାରତର ଅଭିବୃଦ୍ଧିରେ ଅବଦାନ ପାଇଁ ତାମିଲନାଡୁ ଏବଂ ଦକ୍ଷିଣ ରାଜ୍ୟଗୁଡ଼ିକୁ ଦଣ୍ଡ ଦିଆଯାଉଛି କି ? ଏହାସହିତ



ଚେତାବନୀ ଦେଇଥିଲେ ଯେ, ଏହି ପଦକ୍ଷେପ ସମଗ୍ର ଅଞ୍ଚଳରେ ବ୍ୟାପକ କ୍ରୋଧ ସୃଷ୍ଟି କରିଛି । ସେ ଲେଖିଛନ୍ତି ଯେ, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଆସନ୍ତାକାଲି ସଂସଦରେ ଯେଉଁ ସୀମା ନିର୍ଦ୍ଧାରଣ ସଂଶୋଧନ ବିଲ୍ ଉପସ୍ଥାପନ କରିବାକୁ ଯୋଜନା କରୁଛନ୍ତି ତାହା ତାମିଲନାଡୁ ଏବଂ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ବିରାଟ ଐତିହାସିକ ଅନ୍ୟାୟ । ଏହାକୁ ନେଇ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ କ୍ରୋଧ ଜର୍ଜରିତ ଅବସ୍ଥାରେ ଅଛନ୍ତି, ତେଣୁ ନିଆଁ ସହିତ ନ ଖେଳିବାକୁ ଷ୍ଟାଲିନ୍ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ତାମିଲନାଡୁ ଲୋକଙ୍କୁ ଡିଏମ୍କେ ମୁଖ୍ୟ ଆସନ୍ତାକାଲି ଘରେ ଓ ସର୍ବସାଧାରଣରେ କଳା ପତାକା ପ୍ରଦର୍ଶନ କରି ଏହି ପ୍ରସ୍ତାବିତ ବିଲ୍କୁ ବିରୋଧ କରିବାକୁ ନିବେଦନ କରିଛନ୍ତି । ଯଦି କେନ୍ଦ୍ର ସରକାର ଏହାକୁ ଅଣଦେଖା କରନ୍ତି ତେବେ ସେମାନଙ୍କୁ ଏହାର ବଡ଼ ମୂଲ୍ୟ ଦେବାକୁ ପଡ଼ିବ ଷ୍ଟାଲିନ୍ କହିଛନ୍ତି ।

## ଆମେରିକାକୁ ପୁଣି ଥରେ ଚ୍ୟାଲେଞ୍ଜ୍ କରୁଛି ଇରାନ

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଆମେରିକା ମଧ୍ୟରେ ଅସ୍ତ୍ରବିରତି ଜାରି ରହିଛି । କିନ୍ତୁ ଇରାନ ଆମେରିକା ସହିତ ଲୁଚକାଳି ଖେଳିବା ଆରମ୍ଭ କରିଛି । ସାଟେଲାଇଟ୍ ଚିତ୍ରଗୁଡ଼ିକ ଏହା ପ୍ରକାଶ କରିଛି । ଯୁଦ୍ଧବିରତିର ଅବଧି ଶେଷ ହେବା ତାରିଖ ପାଖେଇ ଆସୁଥିବାରୁ, ଇରାନ ଜୋରସୋରରେ ନିଜର ଭୂତଳ କ୍ଷେପଣାସ୍ତ୍ର ଘାଟି ପୁନଃନିର୍ମାଣ କରୁଛି । ଆମେରିକା ଏବଂ ଇସ୍ରାଏଲ ଏହି ସ୍ଥାନଗୁଡ଼ିକ ଉପରେ ବାରମ୍ବାର ଆକ୍ରମଣ ଆରମ୍ଭ କରିଥିଲେ । ରିପୋର୍ଟ ଅନୁଯାୟୀ, ଆକ୍ରମଣ ସମୟରେ, ସୁଡ଼ଙ୍ଗର ପ୍ରବେଶ ସ୍ଥାନଗୁଡ଼ିକୁ ବନ୍ଦ କରିବା ପାଇଁ ପ୍ରବଳ ବୋମାମାଡ଼ କରାଯାଇଥିଲା । ଏହି କାର୍ଯ୍ୟ ପ୍ରାୟ ଛଅ ସପ୍ତାହ ଧରି ଚାଲିଥିଲା । ତେବେ ବର୍ତ୍ତମାନ, ଅସ୍ତ୍ରବିରତିର ସୁଯୋଗ ନେଇ, ଇରାନ ଏହି ସ୍ଥାନଗୁଡ଼ିକର ପ୍ରବେଶ ପଥ ପୁଣି ଖୋଲୁଛି । ଇରାନ କ୍ଷତିଗ୍ରସ୍ତ କ୍ଷେପଣାସ୍ତ୍ର ବଙ୍କରଗୁଡ଼ିକୁ ଦ୍ରୁତ ଗତିରେ ମରାମତି କରୁଛି, ଯାହା ମଧ୍ୟରୁ କିଛି ଆକ୍ରମଣର କିଛି ଘଣ୍ଟା ମଧ୍ୟରେ ମରାମତି କରାଯାଇଥିଲା । ଇରାନର ଅନେକ କ୍ଷେପଣାସ୍ତ୍ର ସ୍ଥାନ କଠିନ ଗ୍ରାନାଇଟ୍ ପର୍ବତ ଭିତରେ ଗଭୀର ଭାବରେ ନିର୍ମିତ । ଏହି ସ୍ଥାନଗୁଡ଼ିକୁ ପ୍ରବେଶ ପାଇଁ ସୁଡ଼ଙ୍ଗ ଦେଇ ଯିବାକୁ ହୋଇଥାଏ । ସେଥିରେ ସଂରକ୍ଷଣ କ୍ଷେତ୍ର, ଲଞ୍ଚିଂ ପଏଣ୍ଟ ଏବଂ ଗୁପ୍ତ ରାସ୍ତା ଅନ୍ତର୍ଭୁକ୍ତ



ରହିଛି । ଏହି କାରଣରୁ ସେଗୁଡ଼ିକୁ ନଷ୍ଟ କରିବା କଷ୍ଟକର । ଏହା ସହିତ ଅସ୍ତ୍ରବିରତି ସମୟରେ ଇରାନ ମୋବାଇଲ୍ ଲଞ୍ଚ ସିଷ୍ଟମ ବିକଶିତ କରିଛି, ଯାହାକୁ ପରିବହନ, ନିୟୋଜିତ ଏବଂ ଲୁଚାଇ ରଖାଯାଇପାରିବ । ଫଳରେ ଏହାକୁ ଟ୍ରାକିଂ କରିବା କଷ୍ଟକର ହେବ । ଆମେରିକା ଏବଂ ଇସ୍ରାଏଲ ବହୁ ସଂଖ୍ୟକ ଲଞ୍ଚରକୁ ନଷ୍ଟ କରିଥିବା ଦାବି କରିଛନ୍ତି, କିନ୍ତୁ କ୍ଷତିର ସଠିକ ପରିମାଣ ଅସ୍ପଷ୍ଟ ରହିଛି । ରିପୋର୍ଟଗୁଡ଼ିକ ସୂଚାଉଛି, ଇରାନ ନକଲି ଠିକଣା ବ୍ୟବହାର କରିଛି । ଫଳରେ ସଠିକ୍ ସୂଚନା ସଂଗ୍ରହ କରିବା କଷ୍ଟକର ହେଉଛି । ବିଶେଷଜ୍ଞମାନଙ୍କ ଅନୁସାରେ ଇରାନର ରଣନୀତି ହେଉଛି ଏକ ଦୀର୍ଘକାଳୀନ ଯୁଦ୍ଧ ପାଇଁ ନିଜର ଶକ୍ତି ସଂରକ୍ଷଣ କରି ଏକ ଦୃଢ଼ ଭବିଷ୍ୟତ ସୁନିଶ୍ଚିତ କରିବା ।

## ୧୩ ହଜାର ସୈନିକ ପଠାଇ ପାକିସ୍ତାନ ପାଇଲା ୩ ବିଲିୟନ ଡଲାର

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ଆର୍ଥିକ ସଙ୍କଟରେ ଜର୍ଜରିତ ପାକିସ୍ତାନ ନିଜର ସୁରକ୍ଷା ରଣନୀତିକୁ ଅର୍ଥନୈତିକ ସମ୍ବଳରେ ପରିଣତ କରିବା ପାଇଁ ସାଉଦି ଆରବକୁ ୧୩,୦୦୦ ସୈନିକ ଓ ଅସ୍ତ୍ରଶସ୍ତ୍ର ପଠାଇଛି । ଏହା ପରେ ରିୟାଦ ପକ୍ଷରୁ ଇସଲାମାବାଦ ପାଇଁ ତୁରନ୍ତ ୩ ବିଲିୟନ ଡଲାର (ପ୍ରାୟ ୨.୭ ଲକ୍ଷ କୋଟି ଟଙ୍କା) ମଞ୍ଜୁର କରାଯାଇଛି । ୟୁଏଇର ଋଣ ପରିଶୋଧ କରିବାକୁ ଚାପରେ ଥିବା ପାକିସ୍ତାନ ପାଇଁ ଏହି ସହାୟତା ଏକ 'ଜୀବନରେଖା' ସଦୃଶ ହୋଇଥିବା ବେଳେ, ଏହା ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ପ୍ରତିରକ୍ଷା ଚୁକ୍ତିର ପରିଣାମ ବୋଲି କୁହାଯାଉଛି । ସାଉଦି ଆରବ ଏହି ଚୁକ୍ତି ମାଧ୍ୟମରେ ପାକିସ୍ତାନର 'ପରମାଣୁ ଛତ୍ର ଛାୟା' ତଳେ ନିଜକୁ ସୁରକ୍ଷିତ ରଖିବାକୁ ଚାହୁଁଥିବା ବେଳେ, ପାକିସ୍ତାନ ଏହା ବଦଳରେ ନିଜର ଦେବାଳିଆ ଅର୍ଥନୀତିକୁ




ବଞ୍ଚାଇବାକୁ ଚେଷ୍ଟା କରୁଛି । ଗୋଟିଏ ସପ୍ତାହ ମଧ୍ୟରେ ଏହି ଅର୍ଥ ପାକିସ୍ତାନକୁ ମିଳିବା ସହ ପୂର୍ବରୁ ନିଆଯାଇଥିବା ଋଣର ସମୟସୀମା ମଧ୍ୟ ବୃଦ୍ଧି କରାଯାଇଛି । ପାକିସ୍ତାନ ପାଇଁ ଏହି ସହାୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଚଳିତ ମାସ ଶେଷ ସୁଦ୍ଧା ତା'ର ୩.୫ ବିଲିୟନ ଡଲାର ଋଣ ପରିଶୋଧ କରିବାକୁ ପାକିସ୍ତାନ ଉପରେ ଚାପ ପକାଉଛି । ଅନ୍ୟପଟେ ଇରାନ-ଆମେରିକା ଉତ୍ତେଜନା ଯୋଗୁଁ ଦେଶରେ ମୁଦ୍ରାସ୍ଫୀତି ଆକାଶଛୁଆଁ ହୋଇଛି ଏବଂ ଆଇଏମଏଫ୍ ପକ୍ଷରୁ କଠୋର ଚେତାବନୀ ମଧ୍ୟ ମିଳିଛି । ଏପରି ସ୍ଥିତିରେ ସୈନ୍ୟ ପଠାଇ ଡଲାର ସଂଗ୍ରହ କରିବା ପାକିସ୍ତାନ ପାଇଁ ଏକମାତ୍ର ସମ୍ବଳ ପାଲଟିଛି । ବିଶ୍ଳେଷକଙ୍କ ଅନୁଯାୟୀ, ସାଉଦି ଆରବ ପରୋକ୍ଷରେ ଜଣେ ପାକିସ୍ତାନୀ ସୈନିକଙ୍କ ମୂଲ୍ୟ ପ୍ରାୟ ୨୦୦ ମିଲିୟନ୍ ଡଲାର ବୋଲି ଆକଳନ କରି ଏହି ବଡ଼ ନିବେଶ କରିଛି ।

### ପ୍ରଥମ ଥର ପାଇଁ ରୋବୋଟ୍ ଆଗରେ ଆତ୍ମସମର୍ପଣ କଲେ ରୁଷ ସୈନିକ

## ୟୁକ୍ରେନ ଇତିହାସ ରଚିଛି ଦାବି କଲେ ଜେଲେନସ୍କି

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ରୁଷ-ୟୁକ୍ରେନ ଯୁଦ୍ଧ ଏପରି ଏକ ସ୍ଥିତିରେ ପହଞ୍ଚିଛି ଯେଉଁଠାରେ ବିଜ୍ଞାନର କାଳ୍ପନିକ କାହାଣୀ ଏବେ ବାସ୍ତବତାରେ ପରିଣତ ହେବା ପରି ମନେ ହେଉଛି । ଯୁଦ୍ଧ ପଡ଼ିଆରେ ଆଉ ସେନା ବାହିନୀ ରହିବେ ନାହିଁ । ମଣିଷ ବଦଳରେ ରୋବୋଟ୍ ଆଉ ଡ୍ରୋନ୍ ଯୁଦ୍ଧ ଲଢିବେ । ୱାର ରୁମରେ ବସି ଯବାନମାନେ ସେଗୁଡ଼ିକୁ ନିୟନ୍ତ୍ରଣ କରିବେ । ଏହା ସ୍ୱପ୍ନ ଭଳି ଲାଗୁଥିଲେ ମଧ୍ୟ ଆଗାମୀ ଦିନରେ ସତ୍ୟରେ ପରିଣତ ହେବାକୁ ଯାଉଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପ୍ରକାଶ କରିଛନ୍ତି, ତାଙ୍କ ସେନାର ଗ୍ରାଉଣ୍ଡ ରୋବୋଟିକ୍ ସିଷ୍ଟମ ଏବଂ ଡ୍ରୋନ୍ ଏକ ରୁଷ ସାମରିକ ଘାଟି କବଜା କରିଛି । ଆଶ୍ଚର୍ଯ୍ୟର କଥା, ଏହି ସମ୍ପୂର୍ଣ୍ଣ ସାମରିକ ଅପରେସନରେ ଜଣେ ବି ୟୁକ୍ରେନୀୟ ସୈନିକ ସାମିଲ ନଥିଲେ । ଶତ୍ରୁ ସୈନିକମାନେ ରୋବୋଟ୍ ସମ୍ମୁଖରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ । ଏହା ବିଶ୍ୱର କୌଣସି ଯୁଦ୍ଧରେ ପ୍ରଥମ ଘଟଣା ବୋଲି କୁହାଯାଉଛି । ତେବେ ଏହି ଅପରେସନ କେଉଁଠାରେ କରାଯାଇଥିଲା ତାହା ଜେଲେନସ୍କି ପ୍ରକାଶ କରି ନାହାନ୍ତି । ଯଦି ଜେଲେନସ୍କିଙ୍କ ଦାବି ସମ୍ପୂର୍ଣ୍ଣ ସଠିକ୍



ହୁଏ, ତେବେ ଏହା ଭବିଷ୍ୟତର ଯୁଦ୍ଧର ଏକ ଜୀବନ୍ତ ଉଦାହରଣ ହୋଇପାରେ । ଜେଲେନସ୍କିଙ୍କ ପରାମର୍ଶଦାତା ଆଲେକଜାଣ୍ଡାର କାମିସିନଙ୍କ ଅନୁସାରେ, ମାନବହୀନ ଯାନ ଭବିଷ୍ୟତରେ ଯୁଦ୍ଧର ସମଗ୍ର ଦୃଶ୍ୟପଟକୁ ପରିବର୍ତ୍ତନ କରିବାକୁ ସକ୍ଷମ ହେବେ । ଏହି ସଫଳତା ଆଧାରରେ ୟୁକ୍ରେନର ପଦାତିକ ବାହିନୀର ୩୦ ପ୍ରତିଶତକୁ ରୋବୋଟ୍ ଦ୍ୱାରା ବଦଳାଯିବା ପାଇଁ ଯୋଜନା କରାଯାଉଛି । ରାଷ୍ଟ୍ରପତି ଜେଲେନସ୍କି ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଅପରେସନଟି ସମ୍ପୂର୍ଣ୍ଣ ଭାବରେ ମାନବ ବିହୀନ ପ୍ଲାଟଫର୍ମ ଦ୍ୱାରା କରାଯାଇଥିଲା । କୌଣସି ୟୁକ୍ରେନୀୟ ସୈନିକଙ୍କ ଜୀବନ ବିପଦରେ ପଡ଼ି ନଥିଲା । କୌଣସି କ୍ଷତି ବିନା ଶତ୍ରୁ ସେନିକଙ୍କୁ ବନ୍ଦୀ କରାଯାଇଥିଲା । ଜେଲେନସ୍କିଙ୍କ ଅନୁଯାୟୀ, ୟୁକ୍ରେନର ରୋବୋଟିକ୍ ସିଷ୍ଟମ ରିଟେଲ୍ ଟର୍ମିଟ୍, ଆର୍ଡାଲ, ଏବଂ ଜାମି ଗତ ତିନି ମାସରେ ୨୨ ହଜାରରୁ ଅଧିକ ମିଶନ କରିଛନ୍ତି । ସେ କହିଛନ୍ତି, ପୂର୍ବରୁ ଜଣେ ସୈନିକଙ୍କୁ ବିପଦପୂର୍ଣ୍ଣ ଅଞ୍ଚଳକୁ ଯିବାକୁ ପଡୁଥିଲା, ମାତ୍ର ଏବେ ରୋବୋଟ୍ ପଠାଯାଉଛି । ଫଳରେ ହଜାର ହଜାର ୟୁକ୍ରେନୀୟ ସୈନିକଙ୍କ ଜୀବନ ବଞ୍ଚୁଛି ।

## ବଢ଼ିଲା ସୁନା ଦର

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ଆଜି ଦେଶରେ ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପାଇବାର ଧାରା ପରିଲକ୍ଷିତ ହେଉଛି । କମ ଆନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟ ଏବଂ ଇରାନ ଏବଂ ଆମେରିକା ମଧ୍ୟରେ ଶାନ୍ତି ଆଲୋଚନାର ଆଶା ପୁଣି ଥରେ ଏହାର ମୂଲ୍ୟକୁ ବୃଦ୍ଧି କରିଛି । ଆଜି ଖୁଚୁରା ବଜାରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧,୫୩,୯୪୦ ଟଙ୍କା ରହିଛି, ଯେତେବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୪୧,୧୧୦ ଟଙ୍କା ରହିଛି । ଆମେରିକା ଏବଂ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହେବା ନେଇ ଆଶା ବଢ଼ୁଛି । ଏହି ଖବର ପ୍ରଚାର ହେବା ମାତ୍ରେ ଆମେରିକାର ଷ୍ଟକ୍ ବଜାରରେ ଏକ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଛି । କିନ୍ତୁ, ଡଲାର ସୂଚକାଙ୍କ ୦.୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି । ଯେତେବେଳେ ଡଲାର ଦୁର୍ବଳ ହୁଏ, ବିଶ୍ୱବ୍ୟାପୀ କ୍ରେତାମାନଙ୍କ ପାଇଁ ସୁନା ଶସ୍ତା ହୋଇଯାଏ; ଏହା ଏହାର ଚାହିଦା ଏବଂ ମୂଲ୍ୟ ଉଭୟରେ ବୃଦ୍ଧି ଘଟେ । ଭାରତରେ ସୁନା ମୂଲ୍ୟ ବୃଦ୍ଧିର ଆଉ ଏକ କାରଣ ହେଉଛି ବୈଶାଖୀ, ପୋଇଲା ବୈଶାଖ ଏବଂ ଅକ୍ଷୟ ତୃତୀୟା ଭଳି ପର୍ବପର୍ବାଣୀୟ ଫଳସ୍ୱରୂପ, ସୁନାର ଘରୋଇ ଚାହିଦା ବୃଦ୍ଧି ପାଇଛି, ଯାହା ଫଳରେ ମୂଲ୍ୟ ବୃଦ୍ଧି ହୋଇଛି ।

## ଇସଲାମାବାଦରେ ରୁହ, ଶାନ୍ତି ଚୁକ୍ତି ବୈଠକ ପୁଣି ଥରେ ଅନୁଷ୍ଠିତ ହେବ


**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାର ବିବରଣୀକୁ ଏକ ଆକର୍ଷଣୀୟ ଉପାୟରେ ପ୍ରକାଶ କରିଛନ୍ତି । ମଙ୍ଗଳବାର ଟ୍ରମ୍ପ ପ୍ରଥମେ ନ୍ୟୁୟର୍କ ପୋଷ୍ଟର ରିପୋର୍ଟର କେଟଲିନ୍ ଡୋରନବୋସଙ୍କୁ ଫୋନ୍ କରି ଇସଲାମାବାଦରେ ରହିବାକୁ କହିଥିଲେ । ଚୁକ୍ତି ଉପରେ ଏକ ବୈଠକ ୪୮ ଘଣ୍ଟା ମଧ୍ୟରେ ହୋଇପାରେ ବୋଲି ଟ୍ରମ୍ପ ତାଙ୍କୁ କହିଥିଲେ । ପ୍ରଥମ ପର୍ଯ୍ୟାୟ ଆଲୋଚନାକୁ କଭର କରିବା ପାଇଁ କେଟଲିନ୍ ଗତ ସପ୍ତାହରେ ଇସଲାମାବାଦ ଯାତ୍ରା କରିଥିଲେ । ବିବିସି ଉର୍ଦ୍ଦୁ ସହିତ କଥାବାର୍ତ୍ତା ସମୟରେ କେଟଲିନ୍ କହିଛନ୍ତି, ମୁଁ ଏଠାରେ କାର୍ଯ୍ୟକ୍ରମ କଭରେଜ୍ କରିବା ପରେ ଫେରିବାକୁ ପ୍ରସ୍ତୁତ ହେଉଥିଲି । ଏହି ସମୟରେ ଗୁଜବ ବ୍ୟାପିଗଲା ଯେ, ପାକିସ୍ତାନରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ହୋଇପାରେ । ଆମେ ଏ ବିଷୟରେ ପଚାରିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ଯୋଗାଯୋଗ କରିଥିଲୁ । ୩୭ ମିନିଟ୍ ପରେ, ଟ୍ରମ୍ପ ମୋତେ ଫୋନ୍ କରି କହିଲେ, ଇସଲାମାବାଦରେ ରୁହ । ଆଲୋଚନାରେ ଯଥେଷ୍ଟ ଅଗ୍ରଗତି ହୋଇଥିବାରୁ ସେଠାରେ ବୈଠକ ହୋଇପାରେ । ଡୋରନବୋସ୍ ଟ୍ରମ୍ପଙ୍କୁ ପଚାରିଥିଲେ ଯେ ଆମେରିକା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଇସଲାମାବାଦକୁ କାହିଁକି ବାଛିଲା । ଆମେରିକା ରାଷ୍ଟ୍ରପତି ଉତ୍ତର ଦେଇଥିଲେ, ଆମେ ଏପରି ଦେଶଗୁଡ଼ିକୁ କାହିଁକି ବାଛୁ ଯାହାର ଏହି ଯୁଦ୍ଧ




ସହିତ କୌଣସି ସମ୍ପର୍କ ନଥାଏ । ପାକିସ୍ତାନ ହେଉଛି ଇରାନର ପଡ଼ୋଶୀ । ଏହି ସମୟରେ ଟ୍ରମ୍ପ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ପ୍ରଶଂସା କରି କହିଥିଲେ ଯେ ମୁନିର ଆମେରିକାର କୌଣସି ଖରାପ କରିପାରିବେ ନାହିଁ, ତେଣୁ ଆମେ ସେଠାକୁ ଫେରିବାର ସମ୍ଭାବନା ଅଧିକ । ଟ୍ରମ୍ପ କହିଥିଲେ, ମୁଁ କେବଳ ଚାହୁଁଛି ଯେ ଇରାନ କେବେବି ପରମାଣୁ ଅସ୍ତ୍ର ନ ରଖୁ । ଚୁକ୍ତିନାମା ଏହା ଉପରେ କେନ୍ଦ୍ରିତ । ଅନ୍ୟ ସବୁକିଛି କେବଳ ଭାଷଣବାଜି, ଯାହାକୁ ମୁଁ ପସନ୍ଦ କରେ ନାହିଁ । ଏହା ପରେ କେଟଲିନ୍ ଇସଲାମାବାଦରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ରିପୋର୍ଟ ଅନୁଯାୟୀ, ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ସମ୍ପର୍କରେ ଦ୍ୱିତୀୟ ବୈଠକ ୧୮ କିମ୍ବା ୧୯ ଏପ୍ରିଲରେ ଇସଲାମାବାଦରେ ହୋଇପାରେ । କେଟଲିନ୍ ବର୍ତ୍ତମାନ ନ୍ୟୁୟର୍କ ପୋଷ୍ଟର ବୈଦେଶିକ ଏବଂ ଜାତୀୟ ବ୍ୟାପାର ସମ୍ବାଦଦାତା ଭାବରେ କାର୍ଯ୍ୟ କରୁଛନ୍ତି । ସେ ହ୍ୱାଇଟ୍ ହାଉସର ମଧ୍ୟ ରିପୋର୍ଟ କରିଥାନ୍ତି । କେଟଲିନ୍ କେୟୁ ବିଶ୍ୱବିଦ୍ୟାଳୟରେ ପଢିଥିଲେ । ସେଠାରେ ସେ ସାମ୍ବାଦିକତାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ପରେ ସେ ଟେକ୍ସାସ ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ । ରିପୋର୍ଟିଂ ପାଇଁ କ୍ୟାଟଲିନ୍ ସାମୂହିକ ଭାବରେ ପୁଲିଜର୍ ପୁରସ୍କାର ଜିତିଛନ୍ତି । ଚଳିତ ବର୍ଷ, ତାଙ୍କୁ ଆମେରିକାର ଶ୍ରେଷ୍ଠ ରିପୋର୍ଟର କୋଲଭିନ୍ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି ।

## ଇରାନରେ ଶାସନ ପରିବର୍ତ୍ତନ ନହେବା ଯାଏଁ ମୋସାଦ ଶୋଇବ ନାହିଁ

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ଇସ୍ରାଏଲର ଗୁଇନ୍ଦା ସଂସ୍ଥା 'ମୋସାଦ'ର ମୁଖ୍ୟ ଡେଭିଡ୍ ବାର୍ନିଆ ବୁଧବାର ଏକ କଠୋର ଆଭିମୁଖ୍ୟ ଗ୍ରହଣ କରି କହିଛନ୍ତି ଯେ, ଇରାନର ଇସଲାମିକ ଶାସନର ପତନ ନହେବା ପର୍ଯ୍ୟନ୍ତ ମୋସାଦ ଶାନ୍ତିରେ ବସିବ ନାହିଁ । ହୋଲୋକଷ୍ଟ ସ୍ମୃତି ସମାରୋହରେ ଅଭିଭାଷଣ ଦେଇ ସେ ସ୍ପଷ୍ଟ କରିଛନ୍ତି ଯେ, ତେହେରାନ ଉପରେ ଆକ୍ରମଣ ଶେଷ ହେବା ପରେ ମଧ୍ୟ ମୋସାଦର ଅଭିଯାନ ଜାରି ରହିବ । ଇରାନରେ ଶାସନ ପରିବର୍ତ୍ତନ ଏବଂ ଏକ ମୁକ୍ତ ରାଷ୍ଟ୍ର ଗଠନ ପାଇଁ ମୋସାଦ ଏବେ ବି ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି । ପ୍ରଥମ ଥର ପାଇଁ ମୋସାଦ ମୁଖ୍ୟ ସର୍ବସାଧାରଣରେ ଇରାନରେ ଶାସନ ପରିବର୍ତ୍ତନ ବିଷୟରେ ନିଜର ମତାମତ ରଖିଛନ୍ତି । ଯଦିଓ ଯୁଦ୍ଧ ସମୟରେ ଏହା ସମ୍ଭବ ହୋଇପାରିନଥିଲା,



କିନ୍ତୁ ବାର୍ନିଆଙ୍କ ମତରେ ଯୁଦ୍ଧ କେବଳ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି ଏବଂ ଏହି ଲକ୍ଷ୍ୟ ହାସଲ ପାଇଁ ଆଗକୁ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ଅଛି । ଯୁଦ୍ଧରେ ମୋସାଦର ଭୂମିକାକୁ ସେ ପ୍ରଶଂସା ମଧ୍ୟ କରିଛନ୍ତି । ବିଶେଷ କରି ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ୍ ମିସାଇଲ୍ ପ୍ରକଳ୍ପକୁ ରୋକିବାରେ ମୋସାଦ ସଫଳ ହୋଇଥିବା ସେ ଦାବି କରିଛନ୍ତି । ଯୁଦ୍ଧ ସମୟରେ ମୋସାଦ ଇରାନ ମଧ୍ୟରେ ମନସ୍ତାତ୍ତ୍ୱିକ ଯୁଦ୍ଧ ଆରମ୍ଭ କରି ଶାସନ ବିରୋଧରେ ସ୍ଥାନୀୟ ଲୋକଙ୍କୁ ଏକଜୁଟ କରିବାକୁ ଚେଷ୍ଟା କରିଥିଲା । ବାର୍ନିଆ ଜୁନ୍ ୧ ତାରିଖରେ ନିଜ ପଦରୁ ଅବସର ନେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ଏହି ବୟାନ ମାଧ୍ୟମରେ ସଂସ୍ଥାର ଆଗାମୀ ରଣନୀତି କ'ଣ ରହିବ, ତାହାର ଏକ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ।

## ଆମେରିକା ଉପରେ ସାଉଦିର ଭରସା ତୁଟିଲା

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ଆମେରିକା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳତାର ଯୁଗ ଏବେ ଶେଷ ହୋଇଯାଇଛି ବୋଲି ସାଉଦି ଆରବର ବୈଦେଶିକ ମନ୍ତ୍ରୀ ଫୈସଲ ବିନ୍ ଫରହାନ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତିକୁ କଡ଼ା ସମାଲୋଚନା କରି ସେ ପ୍ରଶ୍ନ କରିଛନ୍ତି ଯେ, ଯଦି ଆମେରିକା ନିଜ ଦେଶର ସୁରକ୍ଷା ସୁନିଶ୍ଚିତ କରିପାରୁନାହିଁ, ତେବେ ସାଉଦି ଆରବକୁ କିପରି ସୁରକ୍ଷା ପ୍ରଦାନ କରିବ । ଇରାନ ସହିତ ଚାଲିଥିବା ଉତ୍ତେଜନା ମଧ୍ୟରେ ସାଉଦି ସାମରିକ ଘାଟି ଓ ତୈଳ ବିଶୋଧନାଗାର ଉପରେ ହୋଇଥିବା କ୍ଷେପଣାସ୍ତ୍ର ଆକ୍ରମଣ ପ୍ରତି ଆମେରିକାର ସୀମିତ ପ୍ରତିକ୍ରିୟା ରିୟାଦର ଆତ୍ମବିଶ୍ୱାସକୁ ଦୁର୍ବଳ କରିଦେଇଛି, ଯାହା ଫଳରେ ସାଉଦି ଏବେ ନିଜର ସୁରକ୍ଷା ରଣନୀତିରେ ବଡ଼ ଧରଣର ପରିବର୍ତ୍ତନ ଆଣିବାକୁ ସଙ୍କେତ ଦେଇଛି । ହରମୁଜ୍ ପ୍ରଣାଳୀ ଅବରୋଧ ଯୋଗୁଁ ସାଉଦିର ତୈଳ ରପ୍ତାନି ଓ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ, ରିୟାଦ ଏବେ ଆମେରିକା ଉପରେ କୂଟନୈତିକ ଆଲୋଚନା ଓ ନୌସେନା ଅବରୋଧ ସମାପ୍ତ କରିବାକୁ ଚାପ ପକାଉଛି । ଯଦିଓ ୨୦୧୭ ମସିହାରେ ଟ୍ରମ୍ପଙ୍କ ଗସ୍ତ ସମୟରେ ୩୫୦ ବିଲିୟନ ଡଲାରର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଆମେରିକା ଏକ ଭରସାଯୋଗ୍ୟ ସୁରକ୍ଷା ସହଯୋଗୀ ଭାବେ ନିଜର ସ୍ଥିତି ହରାଇଥିବା ମନେହେଉଛି । ଏହି ପରିବର୍ତ୍ତନ କେବଳ



ମଧ୍ୟପ୍ରାଚ୍ୟ ରାଜନୀତିକୁ ନୁହେଁ, ବରଂ ବିଶ୍ୱ ଶକ୍ତି ବଜାର ଏବଂ ଆଗାମୀ ଦିନର ରଣନୈତିକ ସମନ୍ୱୟ ଉପରେ ମଧ୍ୟ ସୁଦୂରପ୍ରସାରୀ ପ୍ରଭାବ ପକାଇବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି ।

## ଦକ୍ଷିଣ ଲେବାନନକୁ ଗାଜାରେ ପରିଣତ କରୁଛି ଇସ୍ରାଏଲ

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ଦକ୍ଷିଣ ଲେବାନନକୁ ହିଜବୁଲ୍ଲାର ଗଡ଼ କୁହାଯାଉଥିବାବେଳେ ଇସ୍ରାଏଲ ଏହା ଉପରେ ଲଗାତର ଆକ୍ରମଣ କରୁଛି । ଆକାଶମାର୍ଗରୁ ବୋମାମାଡ଼ ସହିତ ସୀମାରେ ଥିବା ଗାଁଗୁଡ଼ିକୁ ବୁଲଡୋଜର ଲଗାଇ ମାଟିରେ ମିଶାଇ ଦିଆଯାଉଥିବାବେଳେ ସେଠାରେ ଇସ୍ରାଏଲର ସେନିକଙ୍କ ପାଇଁ ନୂଆସ୍ଥାୟୀ କୋଠା ନିର୍ମାଣ କରାଯାଉଛି । ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ସୈନିକମାନେ ଇସ୍ରାଏଲ ଖବରକାଗଜ ହାରେଜକୁ କହିଛନ୍ତି



ଯେ ସେମାନଙ୍କ ବାହିନୀ ଦକ୍ଷିଣ ଲେବାନନର ଗ୍ରାମଗୁଡ଼ିକୁ ଗାଜା ଷ୍ଟ୍ରିପରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ରିପୋର୍ଟ ଅନୁଯାୟୀ, ନୂତନ ସାମରିକ ପୋଷ୍ଟ ନିର୍ମାଣ ପାଇଁ ବୁଲଡୋଜରଗୁଡ଼ିକ ସୀମା ବାଡ଼ ନିକଟରେ ଥିବା ଗ୍ରାମଗୁଡ଼ିକୁ ଧ୍ୱଂସ କରିବାରେ ଲାଗିଛନ୍ତି । ଜଣେ ସୈନିକ କହିଛନ୍ତି ଯେ, ନୂତନ କୋଠାଗୁଡ଼ିକ ସ୍ଥାୟୀ ମନେହେଉଛି । ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ, ଇସ୍ରାଏଲ ସୈନିକମାନେ ଲେବାନନର ଲିଟାନି ନଦୀର ପ୍ରାୟ ୨୦ କିଲୋମିଟର ଦକ୍ଷିଣରେ ସୀମାଠାରୁ ତୃତୀୟ ଲାଇନ ଗ୍ରାମକୁ ଅଗ୍ରସର ହୋଇଛନ୍ତି । ହିଜବୁଲ୍ଲା ଆତଙ୍କୀଙ୍କୁ ଲିଟାନି ନଦୀର ଉତ୍ତର ପର୍ଯ୍ୟନ୍ତ ଘଉଡ଼େଇ ଦେବା ଲକ୍ଷ୍ୟରେ ଇସ୍ରାଏଲ ସେନା ସୀମା ନିକଟରେ ଦକ୍ଷିଣ ଲେବାନନରେ ଅତିରିକ୍ତ ଆଉଟପୋଷ୍ଟ ସ୍ଥାପନ କରୁଥିବା ରିପୋର୍ଟରେ କୁହାଯାଇଛି । ନଭେମ୍ବର ୨୦୨୪ ଯୁଦ୍ଧବିରତି ବୁଝାମଣା ଅନୁଯାୟୀ, ଗତମାସ ଇସ୍ରାଏଲ ଏହାର ସ୍ଥଳପଥ ଅପରେସନବେଳେ ଏଠାରେ ୫ଟି ଆଉଟପୋଷ୍ଟ ନିର୍ମାଣ କରିଥିଲେ । ବର୍ତ୍ତମାନ ଏହି ସଂଖ୍ୟା ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ଆଉ ଏକ ସତ୍ୟପାଠ ଦାଖଲ କଲେ କେଜରିୱାଲ

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ବୁଧବାର ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ବିରୋଧରେ ଆଉ ଏକ ସତ୍ୟପାଠ ଦାଖଲ କରିଛନ୍ତି । ସେ ଜଷ୍ଟିସ୍ ଶର୍ମାଙ୍କ କୋର୍ଟରେ ଏହି ସତ୍ୟପାଠ ଦାଖଲ କରି ତାଙ୍କ ନିଜ ପିଲାମାନଙ୍କ ସମସ୍ୟା ଉଠାଇଛନ୍ତି । କେଜରିୱାଲ କହିଛନ୍ତି, ବିଚାରପତିଙ୍କ ଦୁଇ ସନ୍ତାନ ସୋଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ଅଧୀନରେ କାମ କରୁଛନ୍ତି । ମେହେଟ୍ଟା ସେମାନଙ୍କୁ କେସ୍ ପ୍ରଦାନ କରୁଛନ୍ତି । ସତ୍ୟପାଠରେ ସେ ଏହା ମଧ୍ୟ କହିଛନ୍ତି ଯେ, ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ତୁଷାର ମେହେଟ୍ଟା ସିବିଆଇର ଓକିଲ । ଫଳସ୍ୱରୂପ, ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମା ତୁଷାର ମେହେଟ୍ଟାଙ୍କ ବିରୋଧରେ କିପରି ନିର୍ଦ୍ଦେଶ ଜାରି କରିପାରିବେ ? ସଦ୍ୟତମ ସତ୍ୟପାଠରେ, କେଜରିୱାଲ କହିଛନ୍ତି ଯେ ତାଙ୍କୁ ଏପରି ରେକର୍ଡ ମିଳିଛି ଯାହା ଦର୍ଶାଉଛି, ଜଷ୍ଟିସ ଶର୍ମାଙ୍କ ପିଲାମାନଙ୍କୁ କେନ୍ଦ୍ର ସରକାରଙ୍କ ଓକିଲ ଭାବରେ ତାଲିକାଭୁକ୍ତ କରାଯାଇଛି । ଏକ ଗଣମାଧ୍ୟମ ରିପୋର୍ଟରେ ସାର୍ବଜନୀନ ହୋଇଥିବା ଏକ ଦଲିଲକୁ ଉଦ୍ଧୃତ କରି ସେ କହିଛନ୍ତି, ତାଙ୍କ ପୁଅ ସୁପ୍ରିମକୋର୍ଟର ଗ୍ରୁପ୍ ଏ ପ୍ୟାନେଲରେ ଜଣେ ଓକିଲ, ଯେତେବେଳେ ତାଙ୍କ ଝିଅ ଗ୍ରୁପ୍ ସି ପ୍ୟାନେଲରେ ଜଣେ ଓକିଲ । ସେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟର ୱେବସାଇଟରେ ଉପଲବ୍ଧ ଏକ ଏଫ୍ଏକ୍ୟୁ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଥିରେ କୁହାଯାଇଛି, ସୁପ୍ରିମକୋର୍ଟରେ ଭାରତର ମାନ୍ୟବର ଆଟର୍ଣ୍ଣି ଜେନେରାଲ ନିଜେ ତାଙ୍କ ହାଜର ପାଇଁ ମାମଲାଗୁଡ଼ିକୁ ଚୟନ କରନ୍ତି । ଯେତେବେଳେ ଅନ୍ୟାନ୍ୟ ମାମଲାଗୁଡ଼ିକ ଭାରତର ମାନ୍ୟବର ସୋଲିସିଟର ଜେନେରାଲଙ୍କ ଦ୍ୱାରା ଭାରତର ଅତିରିକ୍ତ ସୋଲିସିଟର ଜେନେରାଲ ଏବଂ ପ୍ୟାନେଲ ଓକିଲମାନଙ୍କୁ ନ୍ୟସ୍ତ କରାଯାଏ । କେଜରିୱାଲ କହିଛନ୍ତି, ଯେହେତୁ ସୋଲିସିଟର ଜେନେରାଲ ତୁଷାର ମେହେଟା ଜଷ୍ଟିସ ଶର୍ମାଙ୍କ ସମ୍ମୁଖରେ ସିବିଆଇ ପାଇଁ ହାଜର ହେଉଛନ୍ତି, ଏହା ଏକ ସ୍ପଷ୍ଟ ଏବଂ ଗମ୍ଭୀର ସ୍ୱାର୍ଥ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ସେ ଯୁକ୍ତି ଦର୍ଶାଇଛନ୍ତି ଯେ, ସୋଲିସିଟର ଜେନେରାଲଙ୍କୁ ଶୁଣାଣିର ପ୍ରଥମ ତାରିଖରେ ଏହି ସୂଚନା ସାର୍ବଜନୀନ କରିବା ଉଚିତ ଥିଲା । ଏହା କାହିଁକି କରାଗଲା ନାହିଁ ? ଏହା ସହ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ନ୍ୟାୟିକ ନିରପେକ୍ଷତା ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି ।

## ପୱନ ଖେଡାଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ଝଟକା

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** କଂଗ୍ରେସ ନେତା ପୱନ ଖେଡାଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ଲାଗିଛି । ତେଲେଙ୍ଗାନା ହାଇକୋର୍ଟଙ୍କ ଦ୍ୱାରା ଖେରାଙ୍କୁ ଦିଆଯାଇଥିବା ଆଗୁଆ ଜାମିନ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି । ଏହି ମାମଲା ଆସାମ ପୁଲିସ ଦ୍ୱାରା ଦାୟର କରାଯାଇଥିବା ଏକ ଏଫ୍ଆଇଆର୍ ସହିତ ଜଡିତ । ଏହି ଏଫ୍ଆଇଆର୍ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀ ରିଙ୍କି ଭୂୟାଁ ଶର୍ମା ଦାୟର କରିଥିଲେ । ୫ ଏପ୍ରିଲରେ ପବନ ଖେଡା ରିଙ୍କି ଭୂୟାଁ ଶର୍ମାଙ୍କ ଉପରେ ତିନୋଟି ଭିନ୍ନ ଦେଶର ପାସପୋର୍ଟ ରଖିବାର ଅଭିଯୋଗ ଆଣିଥିଲେ । ଜଷ୍ଟିସ ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ ଏ.ଏସ. ଚାନ୍ଦୁରକରଙ୍କ ଖଣ୍ଡପୀଠ ପୱନ ଖେଡା ଏବଂ ଅନ୍ୟମାନଙ୍କ ପାଇଁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ତିନି ସପ୍ତାହ ପରେ ହେବ । ତେଲେଙ୍ଗାନା ହାଇକୋର୍ଟର ଆଦେଶକୁ ଚ୍ୟାଲେଞ୍ଜ କରି ଆସାମ ସରକାରଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ନୋଟିସ୍ ଜାରି କରି ସୁପ୍ରିମକୋର୍ଟ ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲାଗୁ କରିଛନ୍ତି । ଆସାମ ସରକାରଙ୍କ ପକ୍ଷରୁ ଉପସ୍ଥିତ ରହି ଭାରତର ସୋଲିସିଟର ଜେନେରାଲ ତୁଷାର ମେହେଟା ଯୁକ୍ତି ଦେଇଥିଲେ ଯେ, ପୱନ ଖେରାଙ୍କ ଆବେଦନରେ ତେଲେଙ୍ଗାନାରେ କିପରି ଅଧିକାର କ୍ଷେତ୍ର ସୃଷ୍ଟି ହେଲା ତାହା ଉଲ୍ଲେଖ କରାଯାଇ ନାହିଁ । ମେହେଟା ଏହା ମଧ୍ୟ ଯୁକ୍ତି ଦେଇଥିଲେ, ହାଇକୋର୍ଟ ଏହି ସତ୍ୟକୁ ଅଣଦେଖା କରିଛନ୍ତି ଯେ, ଏହି ଅପରାଧଗୁଡ଼ିକ ମଧ୍ୟରୁ ଗୋଟିଏରେ ସର୍ବାଧିକ ୧୦ ବର୍ଷ ଜେଲଦଣ୍ଡ ହୋଇପାରେ । ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି, ଶୁଣାଣି ସମୟରେ ପୱନ ଖେଡାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ନୋଟ୍ରେ କୁହାଯାଇଛି ଯେ, ତାଙ୍କ ପତ୍ନୀ ହାଇଦ୍ରାବାଦରେ ରୁହନ୍ତି । ତଥାପି, ସୋଲିସିଟର ଜେନେରାଲ ଏହାର ପ୍ରତିବାଦ କରି ଯୁକ୍ତି ଦେଇଥିଲେ ଯେ ତାଙ୍କ ପତ୍ନୀଙ୍କ ଆଧାର କାର୍ଡ ତାଙ୍କୁ ଦିଲ୍ଲୀର ବାସିନ୍ଦା ବୋଲି ଦର୍ଶାଉଛି । ସୋଲିସିଟର ଜେନେରାଲ ଯୁକ୍ତି ଦେଇଥିଲେ ଯେ ଯଦି ଏହା ସତ୍ୟ ହୋଇଥାଏ, ତେବେ ଯେକେହି ଦେଶର ଯେକୌଣସି ସ୍ଥାନରୁ ସମ୍ପତ୍ତି କିଣିପାରିବେ ଏବଂ ନିଜ ପସନ୍ଦର ଯେକୌଣସି ସ୍ଥାନରୁ ଆଗୁଆ ଜାମିନ୍ ଲୋଡ଼ିପାରିବେ । ସେ ଏହାକୁ ଫୋରମ୍-ସପିଂ ବୋଲି କହିଥିଲେ । ସେ ସୂଚିତ କରିଥିଲେ ଯେ, ପ୍ରିୟା ଇଣ୍ଡୋରିଆ ମାମଲାରେ ସୁପ୍ରିମକୋର୍ଟ ନିଜ ରାୟରେ ଏପରି କାର୍ଯ୍ୟକୁ ଭୁଲ୍ ବୋଲି ଦର୍ଶାଇଥିଲେ । ଏହା ପ୍ରକ୍ରିୟାର ସମ୍ପୂର୍ଣ୍ଣ ଅପବ୍ୟବହାର । ସେ କାହିଁକି ଆସାମ ଯାଇପାରିବେ ନାହିଁ ତାହା ସେ ସ୍ପଷ୍ଟ କରିନାହାନ୍ତି । ଆବେଦନରେ ପୱନ ଏହା ମଧ୍ୟ କହିନାହାନ୍ତି ଯେ ତାଙ୍କ ପତ୍ନୀ ହାଇଦ୍ରାବାଦରେ କୌଣସି ସମ୍ପତ୍ତିର ମାଲିକ କି ନାହିଁ । ତେଲେଙ୍ଗାନା ହାଇକୋର୍ଟଙ୍କ ଆଦେଶ ନେଇ ସୁପ୍ରିମକୋର୍ଟ ଆଶ୍ଚର୍ଯ୍ୟ ହୋଇଥିବା କହିଛନ୍ତି । ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି, ପବନ ଖେରା ତାଙ୍କ ଆଗୁଆ ଜାମିନକୁ ବୃଦ୍ଧି କରିବା ପାଇଁ ଏକ ଆବେଦନ ଦାଖଲ କରିଛନ୍ତି ।



# ଭୋକ୍ସୱାଗନ୍ ଇଣ୍ଡିଆ ପକ୍ଷରୁ ନୂଆ ଟାଇଗୁନ ଉପରେ ୭୫% ଗ୍ୟାରେଂଟେଡ୍ ରିସେଲ୍ ଭାଲ୍ୟୁ

ଭୁବନେଶ୍ୱର, ୧୫।୪ (ନି.ପ୍ର) : ଭୋକ୍ସୱାଗନ୍ ପକ୍ଷରୁ ନୂଆ ଟାଇଗୁନ ସହିତ ଆକର୍ଷଣୀୟ 'ଆସିଓର୍ଡ ବାୟବ୍ୟାକ୍ ପ୍ରୋଗ୍ରାମ' ଆରମ୍ଭ କରାଯାଇଛି। ଏହି ଯୋଜନା ଅଧୀନରେ, ଗ୍ରାହକମାନେ ସେମାନଙ୍କ ଗାଡ଼ିର ଏକ୍ସ-ଶୋ'ରୁମ୍ ମୂଲ୍ୟର ୭୫% ପର୍ଯ୍ୟନ୍ତ ରିସେଲ୍ ଭାଲ୍ୟୁ ପାଇପାରିବେ। ଏହି ସୁବିଧା ଗାଡ଼ି କିଣିବାର ୩ ବର୍ଷ କିମ୍ବା ୩୦,୦୦୦ କିଲୋମିଟର ବ୍ୟବହାର ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି ନୂତନ 'ଆସିଓର୍ଡ ବାୟବ୍ୟାକ୍ ପ୍ରୋଗ୍ରାମ' କେବଳ ୩୧ ମେ, ୨୦୨୬ପର୍ଯ୍ୟନ୍ତ କରାଯାଇଥିବା ନୂଆ ଟାଇଗୁନ ବୁକିଂ ଉପରେ ଲାଗୁ ହେବ। ଭୋକ୍ସୱାଗନ୍ ଇଣ୍ଡିଆ ପକ୍ଷରୁ ଭାରତୀୟ ବଜାରରେ ଶୁଭାରମ୍ଭ କରାଯାଇଥିବା ନୂଆ ଟାଇଗୁନର ପ୍ରାରମ୍ଭିକ ମୂଲ୍ୟ୧୦,୯୯,୯୦୦ ଟଙ୍କା (ଏକ୍ସ-ଶୋ'ରୁମ୍) ରଖାଯାଇଛି। ଏହି ନୂଆ ଟାଇଗୁନ ଏସୟୁଭିରେ ଗ୍ରାହକମାନଙ୍କୁ ପ୍ରାୟ୪୦ଟି ନୂଆ ଅପଡେଟ୍ ଏବଂ୯ଟି ରଙ୍ଗର ବିକଳ୍ପ ମିଳିବ। ଏହାସହ ଗାଡ଼ିରେ ୧.୦ ଲିଟର ଟିଏସଏଲ ପେଟ୍ରୋଲ ଇନ ସହିତ ଏକ ନୂତନ୮-ସ୍ପିଡ୍ ଅଟୋମାଟିକ୍ ଟ୍ରାନ୍ସମିସନ ମଧ୍ୟ ପ୍ରଦାନ କରାଯାଇଛି।

ଏହି ଅବସରରେ ଭୋକ୍ସୱାଗନ ପାସେର କାର୍ସ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର, ଶ୍ରୀ ନିତିନ କୋହଲି କହିଛନ୍ତି, 'ଏହି ବାୟବ୍ୟାକ୍ ପ୍ରୋଗ୍ରାମ ହେଉଛି ଅଟୋମୋବାଇଲ୍ ଶିଳ୍ପ ଜଗତରେ ଆମ ପକ୍ଷରୁ ଆରମ୍ଭ କରାଯାଇଥିବା ଏକ ଅଗ୍ରଣୀ ପ୍ୟାକେଜ୍। ଏହା ଗ୍ରାହକଙ୍କ ମନରେ ଗାଡ଼ିର ମାଲିକାନା ପ୍ରତି ଆତ୍ମବିଶ୍ୱାସ ବଢ଼ାଇବା ସହ ସେମାନଙ୍କୁ ନୂଆ ଟାଇଗୁନ ଚୟନ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରିବ। ଆଜି ନୂଆ ଟାଇଗୁନର ଶୁଭାରମ୍ଭ ସହ ଆମେ ଗ୍ରାହକମାନଙ୍କୁ ସଠିକ୍ ଫିଚର୍ସ, ଦମଦାର ପରଫରମାନ୍ସ, ଆକର୍ଷଣୀୟ ଡିଜାଇନ୍ ଏବଂ ସର୍ବୋତମ ସୁରକ୍ଷାର ଏକ ସନ୍ତୁଳିତ ମିଶ୍ରଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।

## ଗୋଦରେଜ୍‌ର 'ମୋମେଂଟ୍‌ସ ଦାଟ୍ ମ୍ୟାଟର୍' ସର୍ବେକ୍ଷଣ

# ୭୭% ଭାରତୀୟଙ୍କ ଅଧିକାଂଶ ସ୍ମରଣୀୟ ମୁହୂର୍ତ୍ତ ଲିଭିଂ ରୁମ୍‌ରେ ବିତାଇଥାନ୍ତି

ଭୁବନେଶ୍ୱର, ୧୫।୪ (ନି.ପ୍ର) : ଗୋଦରେଜ୍ ଏଂଟରପ୍ରାଇଜ୍ ଗ୍ରୁପ୍‌ର ଅବସରପ୍ରାପ୍ତ ବ୍ରାଣ୍ଡ୍ ଇଂଟେରିଓ ବାଏ ଗୋଦରେଜ୍ ପକ୍ଷରୁ 'ମୋମେଂଟ୍‌ସ ଦାଟ୍ ମ୍ୟାଟର' ସର୍ବେକ୍ଷଣ ଉନ୍ମୋଚନ କରାଯାଇଛି। ଆଧୁନିକ ଭାରତୀୟ ଗ୍ରାହକଙ୍କ ଆବେଗିକ କଲ୍ୟାଣ, ସଂଯୋଗ ଓ ଆରାମ ପାଇଁ ଘର ଓ କାର୍ଯ୍ୟକ୍ଷେତ୍ରରେ ଦୈନନ୍ଦୀନ ଅନଭୂତିକୁ ଉନ୍ନତ କରିବା ପାଇଁ ଏହି ସର୍ବେକ୍ଷଣରେ ପ୍ରୟାସ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ, ଲୋକମାନେ ଶୟନ କକ୍ଷ, ରୋଷେଇ ଘର ଓ ବ୍ୟକ୍ତିଗତ ସମୟ ବିତାଇବା ପାଇଁ ନିଜର ଲିଭିଂ କ୍ଷେତ୍ର ବା ଚଳପ୍ରଚଳ ସ୍ଥାନକୁ ବ୍ୟବହାର କରୁଛନ୍ତି।

ଏ ସମ୍ପର୍କରେ ଇଂଟେରିଓ ବାଏ ଗୋଦରେଜ୍‌ର ବରିଷ୍ଠ ଉପସଭାପତି ଓ କଂଜ୍ୟୁମର ବିଜନେସ୍ ମୁଖ୍ୟ ଡକ୍ଟର ଦେବ ନାରାୟଣ ସରକାର କହିଛନ୍ତି ଯେ, 'ମୋମେଂଟସ୍ ଦାଟ୍ ମ୍ୟାଟର' ସର୍ବେକ୍ଷଣ ଏକ ଗବେଷଣାଠାରୁ ଅଧିକ। ଭାରତୀୟ ଗ୍ରାହକମାନେ ନିଜ ଘର ଓ କାର୍ଯ୍ୟକ୍ଷେତ୍ର ଡିଜାଇନକୁ କେଉଁ ଭଳି ଦେଖୁଛନ୍ତି ତାହାର ଏକ ଦୃଷ୍ଟିକୋଣ ଏହା ପ୍ରଦାନ କରୁଛି। ଏକ ଦ୍ରୁତ ଗତିରେ ବଢୁଥିବା ଦୁନିଆରେ ଘର ଓ କାର୍ଯ୍ୟକ୍ଷେତ୍ର କେବଳ ଏକ କ୍ଷେତ୍ର ଭିତରେ ସୀମିତ ନାହିଁ, ତାହା ବର୍ତ୍ତମାନ ଯୋଗାଯୋଗ ଓ ବ୍ୟକ୍ତିଗତ ଭାବ ପ୍ରକାଶର ଉପଯୁକ୍ତ ସ୍ଥାନରେ ପରିଣତ ହୋଇଛି। ଏହି ସର୍ବେକ୍ଷଣ ଭାରତୀୟ ଓ ସେମାନଙ୍କ କାର୍ଯ୍ୟକ୍ଷେତ୍ର ମଧ୍ୟରେ ଗଢ଼ି ଉଠୁଥିବା ସମ୍ପର୍କକୁ ବୁଝିବା ପାଇଁ ଇଂଟେରିଓର ପ୍ରତିବଦ୍ଧତାକୁ ଦର୍ଶାଉଛି। ଆଧୁନିକ ଭାରତୀୟ ଗ୍ରାହକଙ୍କ ପାଇଁ ପ୍ରକୃତରେ ଗୁରୁତ୍ୱ ରଖୁଥିବା ମୁହୂର୍ତ୍ତକୁ ସମୃଦ୍ଧ କରିବା ପାଇଁ ଆସବାବପତ୍ର ସୃଷ୍ଟି କରି ଦୈନନ୍ଦୀନ ପରିବେଶକୁ ଭାରତୀୟମାନେ କିଭଳି ଅନୁଭବ କରୁଛନ୍ତି ସେହି ରୂପାନ୍ତରଣର ନେତୃତ୍ୱ ନେବାକୁ ଆମେ ଲକ୍ଷ୍ୟ ରଖିଛୁ।

ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଆଧୁନିକ ଦୁନିଆର ଚାପ ମଧ୍ୟରେ ଭାରତୀୟ ଘରଗୁଡ଼ିକୁ ଆବେଗିକ ସନ୍ତୁଳନ ରକ୍ଷା କରିବାର ଉପାଦାନ ଭାବେ ଦେଖାଯାଉଛି। ଘରେ ଶୟନ କକ୍ଷ ଆବେଗର ମୂଳକେନ୍ଦ୍ରରେ ପରିଣତ ହୋଇଛି। ୯୦ ପ୍ରତିଶତ ଉତ୍ତରଦାତା ତାହାକୁ ବ୍ୟକ୍ତିଗତ ଓ ବିଶ୍ରାମ ସହ ଯୋଡ଼ିଥିବା ବେଳେ ୭୪ ପ୍ରତିଶତ ତାହାକୁ ଘରର ସ୍ମରଣୀୟ ମୁହୂର୍ତ୍ତ କହିଛନ୍ତି।

ରୋଷେଇ ଘର ମଧ୍ୟ କେବଳ ଏକ ସାଧାରଣ କ୍ଷେତ୍ରଠାରୁ ଆଗକୁ ବଢ଼ି ଆବେଗରେ ପରିଣତ ହୋଇଛି। ୯୭ ପ୍ରତିଶତ ଉତ୍ତରଦାତା ତାହାକୁ ରୋଷେଇ ସହିତ ପରିବାର ସହ ସମ୍ପର୍କକୁ ମଜଭୁତ କରିବା ସହ ଯୋଡ଼ିଛନ୍ତି। ଅଭ୍ୟର୍ଥନା କକ୍ଷ ଓ ଲିଭିଂ ରୁମ୍ ଘରର ସାମାଜିକ ସ୍ଥଳରେ ପରିଣତ ହୋଇଛି। ଭୋଜନ ସମୟକୁ ଘରର ସବୁଠୁ ଉଲ୍ଲାସପୂର୍ଣ୍ଣ ସମୟ ଭାବେ ବିଚାର କରାଯାଉଛି ଯେଉଁଠାରେ ସମଗ୍ର ପରିବାର କଥାବାର୍ତ୍ତା ଓ ହସଖୁସିରେ ବିତାଉଛନ୍ତି।

ଘରର ବାଲ୍‌କୋନି ସହରାଂଚଳ ଅଭୟାରଣ୍ୟରେ ପରିଣତ ହୋଇଛି। ଚାରିରୁ ତିନି ଜଣ ଉତ୍ତରଦାତା ତାହାକୁ ଶାନ୍ତିର ଏକ ସ୍ଥାନ ଭାବେ ବର୍ଣ୍ଣନା କରିଛନ୍ତି। ୫୩ ପ୍ରତିଶତ କହିଛନ୍ତି ଯେ ବାଲ୍‌କୋନିରେ ସକାଳ ମୁହୂର୍ତ୍ତ ସେମାନଙ୍କୁ ଦିନଟିକୁ ଭଲ ଢଙ୍ଗରେ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ।

ସେହିପରି, କାର୍ଯ୍ୟକ୍ଷେତ୍ରରେ ସାଧାରଣ ଆଳାପ, କାଫେ ବିରତି ଓ ଭୋଜନକୁ ବାଂଟି ଖାଇବା ପରସ୍ପର ମଧ୍ୟରେ ସହଯୋଗିତା ଓ ଆପଣାପଣ ବଢ଼ାଇଥାଏ। ଆରମଦାୟକ, ପ୍ରେରଣାଦାୟୀ ଓ ବିଶ୍ୱସନୀୟ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ପାଇଁ ଭଲ ଭାବେ ଡିଜାଇନ ହୋଇଥିବା ସ୍ଥାନ ଓ ପ୍ରଥମ ଦିନରୁ ସ୍ୱାଗତଯୋଗ୍ୟ ପରିବେଶ ଜରୁରୀ।

# ସାଓମି ପକ୍ଷରୁ ରେଡ୍‌ମି ଏ୭ ପ୍ରୋ ୫ଜିର ଶୁଭାରମ୍ଭ

ଭୁବନେଶ୍ୱର, ୧୫।୪ (ନି.ପ୍ର) : ସାଓମି ଇଣ୍ଡିଆ ପକ୍ଷରୁ ରେଡ୍‌ମି ଏ ସିରିଜରେ ଏହାର ପ୍ରଥମ ପ୍ରୋ ମଡେଲ ରେଡ୍‌ମି ଏ୭ ପ୍ରୋ ୫ଜିର ଶୁଭାରମ୍ଭ କରିଛି। ଦୈନନ୍ଦିନ ଉପଭୋକ୍ତାଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଥିବା ରେଡ୍‌ମି ଏ୭ ପ୍ରୋ ୫ଜି ଶ୍ରେଣୀ-ଅଗ୍ରଣୀ ହାର୍ଡୱେୟାର ଓ ସଫ୍ଟୱେୟାର ଉନ୍ନତିକରଣକୁ ଏକତ୍ରିତ କରିଛି, ଯାହା ଏକ ସୁଲଭ ମୂଲ୍ୟରେ ନିର୍ଭରଯୋଗ୍ୟ ଓ ନିୟୋଜିତ ସ୍ମାର୍ଟଫୋନ ଅନୁଭୂତି ପ୍ରଦାନ କରୁଛି। ରେଡ୍‌ମି ଏ୭ ପ୍ରୋ ୫ଜି ୧୧,୪୯୯ ଟଙ୍କାର ଏକ ପ୍ରାରମ୍ଭିକ ସୀମିତ ଅବଧି ମୂଲ୍ୟରେ ଆମାଜନ ଇଣ୍ଡିଆ, ଏମଆଇ ଡଟ୍ କମ ଓ ଅଗ୍ରଣୀ ରିଟେଲ ଷ୍ଟୋରଗୁଡିକରେ ଉପଲବ୍ଧ ହେବାକୁ ଯାଉଛି। ଏହାବ୍ୟତୀତ ଉପଭୋକ୍ତା ମାନେ କ୍ରୟ ଉପରେ ୩ ମାସ ପର୍ଯ୍ୟନ୍ତ ନୋ କଷ୍ଟ୍ ଇଏମଆଇ ସୁବିଧା ପାଇପାରିବେ। ରେଡମି ଏ୭ ପ୍ରୋ ୫ଜି ବ୍ଲାକ, ମିଷ୍ଟ୍ ବ୍ଲୁ ଓ ସନ୍‌ସେଟ ଅରେଞ୍ଜରେ, ୪ଜିବି+୬୪ଜିବି ଓ ୪ଜିବି+୧୨୮ଜିବି ଭାରିଆଂଟରେ ଉପଲବ୍ଧ ହେବ ଏବଂ ଏହାର ସେଲ୍ ଏପ୍ରିଲ ୧୫ ତାରିଖ ୨୦୨୬ରୁ ଆରମ୍ଭ ହେବ। ଏକ ୧୨୦ଏଚଜେଡ ରିଫ୍ରେଶ ରେଟ ସହିତ ସେଗମେଂଟର ସବୁଠାରୁ ବଡ ୧୭.୫୩ସେମି (୬.୯ ଇଂଚ) ଡିସପ୍ଲେ ଥିବା ରେଡମି ଏ୭ ପ୍ରୋ ୫ଜି ବ୍ରାଉଜିଂଠାରୁ ଆରମ୍ଭ କରି ସୋସିଆଲ ମିଡିଆ , ଭିଡିଓ ଷ୍ଟ୍ରିମିଙ୍ଗ ପର୍ଯ୍ୟନ୍ତ ଦୈନନ୍ଦିନ କାର୍ଯ୍ୟରେ ଏକ ନିମଜ୍ଜିତ ଦୃଶ୍ୟତା ଅନୁଭୂତି ଦେଉଛି। ୮୦୦ ନିଟ୍‌ସ ପର୍ଯ୍ୟନ୍ତ ସର୍ବୋଚ୍ଚ ବ୍ରାଇଟନେସ୍ ସହିତ ଏହି ଡିସ୍‌ପ୍ଲେ ଉଜ୍ଜ୍ୱଳ ବାହ୍ୟ ପରିବେଶରେ ମଧ୍ୟ ସ୍ପଷ୍ଟ ଦେଖାଯାଇଥାଏ। ୱେଟ ଟଚ୍ ଟେକ୍ନୋଲୋଜି ୨.୦ର ଅନ୍ତର୍ଭୁକ୍ତୀକରଣ ଆଙ୍ଗୁଠି ଓଦା ଥିବା କିମ୍ବା ତେଲ ଲାଗିଥିବା ସମୟରେ ମଧ୍ୟ ସଠିକ ଓ ପ୍ରତିକ୍ରିୟାଶୀଳ ଇନ୍‌ପୁଟ ନିଶ୍ଚିତ କରିଥାଏ, ଯାହା ଏହାକୁ ବାସ୍ତବ ଦୁନିଆର ବ୍ୟବହାର ପରିଦୃଶ୍ୟରେ ଅଧିକ ନିର୍ଭରଯୋଗ୍ୟ କରୁଛି। ରେଡମି ଏ୭ ପ୍ରୋ ୫ଜି ସେଗମେଂଟରେ ସର୍ବବୃହତ ଓ ସୁଗମ ନିମଜ୍ଜିତ ଡିସ୍‌ପ୍ଲେ ଏବଂ ଟ୍ରିପଲ ଟିୟୁଭି ରେନଲ୍ୟାଣ୍ଡ ଆଇ-କର୍ଟ ସାର୍ଟିଫିକେଶନ ଥିବା ସେଗମେଂଟର ଏକମାତ୍ର ସ୍ମାର୍ଟଫୋନ ଭାବେ ଉଭା ହୋଇଛି ଯାହା ଅଧିକ ସମୟ ଦେଖିବା ସମୟରେ ଆଖି ଉପରେ ଚାପ ହ୍ରାସ କରିବା ପାଇଁ ଡିସି ଡିମିଙ୍ଗ ଦ୍ୱାରା ସୁସଜ୍ଜିତ ରହିଛି।



# ୧୬୯ ଟଙ୍କାରେ କେଏଫସି ପକ୍ଷରୁ ନୂଆ କ୍ରିସ୍ପି ସାୱର୍ମା ରାପ୍‌ର

ଭୁବନେଶ୍ୱର, ୧୫।୪ (ନି.ପ୍ର): ଭୁବନେଶ୍ୱର କେଏଫସି ଇଣ୍ଡିଆ ପକ୍ଷରୁ ନୂଆ କ୍ରିସ୍ପି ସାୱର୍ମା ରାପ୍‌ର ଶୁଭାରମ୍ଭ କରାଯାଇଛି। ନୂଆ ମେନ୍ୟୁ ଆଇଟମ ହେଉଛି ପରିଚିତ ସ୍ୱାଦ ଉପରେ କେଏଫସିର ଏକ ଟ୍ୱିଷ୍ଟ। କେଏଫସି କ୍ରିସ୍ପି ସାୱର୍ମା ରାପ୍ ଏକ ସ୍ୱାଦିଷ୍ଟ ଟୋଷ୍ଟେଡ ଟର୍ଟିଲା ରାପ ସହ ଆସୁଛି, ଯାହା କେଏଫସିର ଆଇକୋନିକ କ୍ରିସ୍ପି ପେରି-ପେରି ଚିକେନ ଷ୍ଟ୍ରିପ୍‌ସ, କ୍ରିମି ସାୱର୍‌ମା ମାୟୋ, ଫ୍ରେଶ ଲେଟସ ଓ ଟ୍ୟାଙ୍ଗି ପିକିଲ୍‌ଡ ମେଡିଟେରାନିଅନ ଭେଜିସ୍ ସହ ଲୋଡେଡ ରହିଛି। ମାତ୍ର ୧୬୯ ଟଙ୍କା ମୂଲ୍ୟରୁ ଆରମ୍ଭ ହେଉଥିବା ନୂଆ କ୍ରିସ୍ପି ସାୱର୍ମା ରାପ୍ ଡାଇନ-ଇନ ଓ ଟେକଆୱେ ପାଇଁ ଭାରତବ୍ୟାପୀ ସମସ୍ତ ୧୩୦୦+ କେଏଫସି ରେଷ୍ଟୁରାଂଟରେ ଉପଲବ୍ଧ ହେବା ସହିତ କେଏଫସି ଆପ୍, ୱେବସାଇଟ (https://online.kfc.co.in/) କିମ୍ବା ଅଗ୍ରଣୀ ଫୁଡ୍ ଡେଲିଭରି ଆପ୍ ମାଧ୍ୟମରେ ଉପଲବ୍ଧ ହେଉଛି।




# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସ ପକ୍ଷରୁ ବ୍ୟାଙ୍ଗେଲ ଉତ୍ସବ

ଭୁବନେଶ୍ୱର, ୧୫।୪ (ନି.ପ୍ର) : ଭାରତର ପ୍ରମୁଖ ଜୁଏଲାରୀ ରିଟେଲର ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସ ପୋଏଲା ବୈଶାଖ ଓ ଅକ୍ଷୟ ତୃତୀୟା ଅବସରରେ ସ୍ୱତନ୍ତ୍ର ଅଫର ସହ ଏହାର ନୂତନ 'ବ୍ୟାଙ୍ଗେଲ ଉତ୍ସବ'ର ଶୁଭାରମ୍ଭ କରିଛି। ସେନ୍‌କୋର ବ୍ୟାଙ୍ଗେଲ ଉତ୍ସବ କ୍ୟାମ୍ପେନ ମେରି ଜିନ୍ଦେଗୀ ମେରେ ହାଥୋ ମେଁ' (ମୋ ଜୀବନ ମୋ ନିଜ ହାତରେ) ସହିତ ପରିପ୍ରକାଶ ହୋଇଛି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସ ପୋଏଲା ବୈଶାଖ ଓ ଅକ୍ଷୟ ତୃତୀୟା ଅବସରରେ ଏହାର ମୂଲ୍ୟବାନ ଗ୍ରାହକଙ୍କ ପାଇଁ ଏପ୍ରିଲ ୫ ତାରିଖ ୨୦୨୬ରୁ ଏପ୍ରିଲ ୧୯ ତାରିଖ ୨୦୨୬ ପର୍ଯ୍ୟ' ଦେଶବ୍ୟାପୀ ଏହାର ସମସ୍ତ ଶୋ'ରୁମରେ ଉତ୍ସାହଜନକ ରିହାତି ପ୍ରଦାନ କରୁଛି। ଚଳିତ ବର୍ଷର ସ୍ୱତନ୍ତ୍ର ଅଫରଗୁଡିକ ମଧ୍ୟରେ ରହିଛି, ସୁନା ଅଳଙ୍କାର କ୍ରୟ ଉପରେ ପ୍ରତି ୧୦ ଗ୍ରାମ ପିଛା ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଏବଂ ପୁରୁଣା ସୁନା ଏକ୍ସଚେ ଉପରେ ୦% ରିହାତି। ହୀରା ଅଳଙ୍କାର ପାଇଁ ମେକିଙ୍ଗ ଚାର୍ଜ ଉପରେ ୭୫% ପର୍ଯ୍ୟନ୍ତ ରିହାତି ସହିତ ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି। ପ୍ଲାଟିନମ ଅଳଙ୍କାର ପାଇଁ ମେକିଂ ଚାର୍ଜ ଉପରେ ୧୫% ପର୍ଯ୍ୟନ୍ତ ରିହାତି ପ୍ରଭୃତି ଅର୍ନ୍ତଭୂକ୍ତ।



ଚଳିତ ବର୍ଷର ବ୍ୟାଙ୍ଗେଲ ଉତ୍ସବ ବିଷୟରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ଏବଂ ମାର୍କେଟିଂ ଓ ଡିଜାଇନ ବିଭାଗର ମୁଖ୍ୟ, ଜୋଇତା ସେନ୍ କହିଛନ୍ତିଯେ, 'ଆମେ ୧୦,୦୦୦ରୁ ଅଧିକ ବ୍ୟାଙ୍ଗେଲ ଡିଜାଇନର ଏକ ବିସ୍ତୃତ କଲେକ୍ସନର ଉପସ୍ଥାପନା କରି ଗର୍ବିତ, ଯେଉଁଥିରେ ଚଳିତ ଋତୁର ୫୦୦ରୁ ଅଧିକ ନୂଆ ଡିଜାଇନର ଏକ ସ୍ୱତନ୍ତ୍ର ଫେଷ୍ଟିଭ ଲଂଚ ସାମିଲ ରହିଛି। ଆମର ସ୍ମାର୍ଟ, ଆଧୁନିକ ଓ ସୁନ୍ଦର ବ୍ୟାଙ୍ଗେଲଗୁଡିକୁ ପ୍ରତିଦିନ ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱ ସହିତ ପ୍ରତ୍ୟେକ ହାତକୁ ସଜାଇବା ପାଇଁ ଡିଜାଇନ କରାଯାଇଛି।' 'ଚଳିତ ବର୍ଷର ବ୍ୟାଙ୍ଗେଲ ଉତ୍ସବରେ ଆମେ ସୁନା, ହୀରା ଓ ପ୍ଲାଟିନମରେ ନିର୍ମିତ ବ୍ୟାଙ୍ଗେଲ, ବ୍ରେସଲେଟ, ଚାର୍ମ, ଚୁଡ଼ି, ବାଲା, ପୋଲା ଓ ଶଙ୍ଖା ଆଦି ଅ'ର୍ଭୁକ୍ତ ଥିବା ଡିଜାଇନଗୁଡିକର ଏକ ବିସ୍ତୃତ କଲେକ୍ସନର ଶୁଭାରମ୍ଭ କରି ଗର୍ବିତ' ବୋଲି ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି। ମାତ୍ର ୩୦,୦୦୦ ଟଙ୍କାର ଏକ ପ୍ରାରମ୍ଭିକ ମୂଲ୍ୟ ସହିତ ଏହି କଲେକ୍ସନକୁ ପ୍ରତ୍ୟେକ ବଜେଟ ଓ ସୌନ୍ଦର୍ଯ୍ୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଛି, ଯାହା ଖୁବ୍ ସହଜରେ ଐତିହ୍ୟକୁ ଆଧୁନିକ ଉତ୍କର୍ଷତା ସହ ମିଶ୍ରଣ କରିଛି। ଏଥିସହିତ ଗ୍ରାହକମାନେ ଉତ୍ସାହଜନକ ରିୱାର୍ଡ ମଧ୍ୟ ଉପଭୋଗ କରିପାରିବେ: ଯେପରିକି ୨୦,୦୦୦ ଟଙ୍କା ମୂଲ୍ୟର (ଟିକସ ପୂର୍ବରୁ) ସୁନା ଅଳଙ୍କାରର ପ୍ରତ୍ୟେକ କ୍ରୟ ଉପରେ ୧୦୦ ଟଙ୍କାର କୁପନ ଏବଂ ୨୦,୦୦୦ ଟଙ୍କା ମୂଲ୍ୟର (ଟିକସ ପୂର୍ବରୁ) ହୀରା ଅଳଙ୍କାରର ପ୍ରତ୍ୟେକ କ୍ରୟ ଉପରେ ୧୫୦ ଟଙ୍କାର କୁପନ ପାଇପାରିବେ। ଏହାବ୍ୟତୀତ ଏପ୍ରିଲ ୫ ତାରିଖରୁ ଏପ୍ରିଲ ୧୯ ତାରିଖ ୨୦୨୬ ମଧ୍ୟରେ ଏସବିଆଇ କ୍ରେଡିଟ କାର୍ଡର ବ୍ୟବହାରକରି କରାଯାଇଥିବା ୫୦,୦୦୦ ଟଙ୍କାର ପ୍ରତ୍ୟେକ ସର୍ବନିମ୍ନ କ୍ରୟ ପାଇଁ ଗ୍ରାହକମାନେ ପ୍ରତି କାର୍ଡ ପିଛା ୭୫୦୦ ଟଙ୍କା ପର୍ଯ୍ୟନ୍ତ ଏକ ଅତିରିକ୍ତ ରିହାତି ପାଇପାରିବେ।

# ବ୍ୟାଙ୍କ୍ ଅଫ୍ ବରୋଦା ଏବଂ ରିଲାଏନ୍ସ ଜିଓର ସହଯୋଗରେ ଫିଚର ଫୋନ ପାଇଁ 'ବିଓବି ୱାର୍ଲ୍ଡ ଲାଇଟ୍'ର ଶୁଭାରମ୍ଭ

ଭୁବନେଶ୍ୱର, ୧୫।୪ (ନି.ପ୍ର) : ବ୍ୟାଙ୍କ୍ ଅଫ୍ ବରୋଦା ଏବଂ ରିଲାଏନ୍ସ ଜିଓ ପକ୍ଷରୁ ସହଯୋଗିତାରେ ଫିଚର ଫୋନ ବ୍ୟବହାରକାରୀଙ୍କ ପାଇଁ ବିଶେଷଭାବେ ଡିଜାଇନ କରାଯାଇଥିବା ମୋବାଇଲ ବ୍ୟାଙ୍କିଂ ଆପ୍ 'ବିଓବି ୱାର୍ଲ୍ଡ ଲାଇଟ୍' କୁ 'ଜିଓଫୋନ ପ୍ରିମା ଫୋର୍-ଜି' ଡିଭାଇସ୍‌ରେ ଲଞ୍ଚ କରାଯାଇଛି। ଭାରତ ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ଡିଜିଟାଲ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହନ ଓ ଫିଚର ଫୋନ ବ୍ୟବହାରକାରୀଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ସୁଲଭ କରିବା ଦୃଷ୍ଟିକୋଣ ସହ ସମନ୍ୱୟରେ ପ୍ରସ୍ତୁତ ଏହି ଶିଳ୍ପରେ ପ୍ରଥମ ପଦକ୍ଷେପ ଦେଶର ଲକ୍ଷାଧିକ ଲୋକଙ୍କୁ ସରଳ ଏବଂ ସମ୍ପୂର୍ଣ୍ଣ ଡିଜିଟାଲ ବ୍ୟାଙ୍କିଂ ସୁବିଧା ଯୋଗାଇବ। ଏହି ଆପ୍ ବ୍ୟାଙ୍କ୍ ଅଫ୍ ବରୋଦାର ବର୍ତ୍ତମାନ ଗ୍ରାହକମାନଙ୍କ ସହିତ ଅନ୍ୟ କୌଣସି ବ୍ୟାଙ୍କ୍ ର ଗ୍ରାହକମାନେ ମଧ୍ୟ ସରଳ ଏବଂ ସୁବିଧାଜନକ ଭାବରେ ବ୍ୟବହାର କରିପାରିବେ।

ପାରମ୍ପରିକ ମୋବାଇଲ ବ୍ୟାଙ୍କିଂ ଆପ୍‌ଗୁଡ଼ିକ କେବଳ ସ୍ମାର୍ଟଫୋନରେ କାମ କରେ, ସେଗୁଡ଼ିକଠାରୁ ଭିନ୍ନଭାବେ 'ବିଓବି ୱାର୍ଲ୍ଡ ଲାଇଟ୍' ଆପ୍‌ଟି ସମସ୍ତ ଫିଚର ଫୋନରେ ଦୈନନ୍ଦିନ ବ୍ୟାଙ୍କିଂ ସେବାର ସମ୍ପୂର୍ଣ୍ଣ ସୁବିଧା ଯୋଗାଇବା ପାଇଁ ତିଆରି ହୋଇଛି। ଏହା ଦ୍ୱାରା ଦ୍ୱିତୀୟ ଶ୍ରେଣୀ-ସହର ଏବଂ ଗ୍ରାମୀଣ ଭାରତରେ ଏହାର ବିସ୍ତାର ହେବ। ଏଥିରେ ହାଲୁକା ଓ କମ୍ ବ୍ୟାଣ୍ଡୱିଡ୍‌ଥ ଆର୍କିଟେକ୍ଚର, କୀପ୍ୟାଡ୍ ନେଭିଗେସନ ଏବଂ ସୁରକ୍ଷିତ ସେବାର ବ୍ୟବସ୍ଥା ରହିଛି, ଯାହା ଡିଜିଟାଲ ବ୍ୟାଙ୍କିଂକୁ ସରଳ, ସୁଗମ ଏବଂ ସମସ୍ତଙ୍କ ପାଇଁ ପହୁଞ୍ଚଯୋଗ୍ୟ କରାଇବ।



ବର୍ତ୍ତମାନ 'ବିଓବି ୱାର୍ଲ୍ଡ ଲାଇଟ୍' ଆପ୍‌ରେ ୟୁପିଆଇ ସକ୍ଷମ 'ସ୍କାନ୍ ଏବଂ ପେ', 'ଟଙ୍କା ପ୍ରେରଣ', 'ବିଲ୍ ପେମେଣ୍ଟ ଏବଂ ରିଚାର୍ଜ' ଏବଂ 'ପ୍ରୋଫାଇଲ ପରିଚାଳନା' ଭଳି ସୁବିଧା ରହିଛି, ଏବଂ ଆଗାମୀ ଦିନରେ ଆହୁରି ନୂତନ ସୁବିଧା ଗୁଡ଼ିକୁ ଏଥିରେ ଯୋଡ଼ାଯିବ। ଏହି ସହଯୋଗ ଅନୁସାରେ, ଆପ୍‌ଟି 'ଜିଓଫୋନ ପ୍ରିମା ଫୋର୍-ଜି' ଡିଭାଇସ୍‌ରେ ପୂର୍ବରୁ ଇନଷ୍ଟଲ୍ ରହିବ ଏବଂ ହୋମ୍ ସ୍କ୍ରିନ୍‌ରୁ ସିଧାସଳଖ ଉପଲବ୍ଧ ହେବ। ବର୍ତ୍ତମାନ 'ଜିଓଫୋନ ପ୍ରିମା ଫୋର୍-ଜି' ବ୍ୟବହାରକାରୀମାନେ 'ଜିଓଷ୍ଟୋର୍' ମାଧ୍ୟମରେ ଏହି ଆପ୍‌କୁ ବ୍ୟବହାରରେ ନେଇପାରିବେ।

# କଗ୍ନିଜାଂଟ ପକ୍ଷରୁ ଟେକ୍ନୋଭର୍ସ ହ୍ୟାକାଥନ ୨୦୨୬ ଉନ୍ମୋଚିତ

ଭୁବନେଶ୍ୱର, ୧୫।୪ (ନି.ପ୍ର) : କଗ୍ନିଜାଂଟ (ଘଇଝଉଇଛ: ଉଜ୍ଝଝଐ) ପକ୍ଷରୁ ଏହାର ଟେକ୍ନୋଭର୍ସ ହ୍ୟାକାଥନ ୨୦୨୬ର ୩ୟ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏକ ଆଂଚଳିକ ଅଭିଯାନରୁ, ଜାତୀୟ ମଂଚରେ ପରିଣତ ହୋଇଥିବା ଏହି ହ୍ୟାକାଥନ ଭାରତବ୍ୟାପୀ ୪୦୦ରୁ ଅଧିକ କଲେଜର ୨୦,୦୦୦ରୁ ଅଧିକ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ଏକାଠି କରିଛି। ଏହି ଛାତ୍ରଛାତ୍ରୀମାନେ ଏଠାରେ ସହଭାଗିତା ଓ ଉଦ୍ଭାବନ କରିବା ଏବଂ ନିଜର ଏଆଇ-ପରିଚାଳିତ ସମସ୍ୟା ସମାଧାନକାରୀ ଦକ୍ଷତାଗୁଡିକୁ ପ୍ରଦର୍ଶିତ କରିବେ। ଏହି ହ୍ୟାକାଥନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର ଶିକ୍ଷା ଓ ବାସ୍ତବ ଦୁନିଆର ପ୍ରୟୋଗଗୁଡିକୁ ସଂଯୋଗ କରିବା, ଶିଳ୍ପ ସମ୍ବନ୍ଧିତ ସମସ୍ୟାଗୁଡିକ ଉପରେ କାର୍ଯ୍ୟ କରିବା , କଗ୍ନିଜାଂଟର ଅଂଶଗ୍ରହଣକାରୀଙ୍କ ସହ ସିଧାସଳଖ ନିୟୋଜିତ ହେବା ଏବଂ ଉଦ୍ୟୋଗଗୁଡିକର ଉଦ୍ଭାବନ ପାଇଁ ଏକ୍ସପୋଜର ହାସଲ କରିବା ଲାଗି ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରୁଛି।

ଏସମ୍ପର୍କରେ କଗ୍ନିଜାଂଟ ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏବଂ ଆନ୍ତର୍ଜାତୀୟ ପରିଚାଳନା ବିଭାଗର ଅଧ୍ୟକ୍ଷ ରାଜେଶ ବାରିୟର କହିଛନ୍ତି, ' ଏକ ଏଆଇ ନିର୍ମାତା ଭାବେ କଗ୍ନିଜାଂଟ ପରବର୍ତୀ ପିଢିର ପ୍ରତିଭାମାନଙ୍କୁ ବିକଶିତ କରିବା ପାଇଁ ଗଭୀର ଭାବେ ପ୍ରତିବଦ୍ଧ ରହିଛି ଯାହା ଏହି ରୂପାନ୍ତରଣକୁ ଆଗକୁ ବଢାଇବ। କଗ୍ନିଜାଂଟ ଟେକ୍ନୋଭର୍ସ ହ୍ୟାକାଥନ ୨୦୨୬ ହେଉଛି ଏକ ପ୍ଲାଟଫର୍ମ ଯେଉଁଠାରେ ଭାରତର ଉଜ୍ଜ୍ୱଳତମ ଇଞ୍ଜିନିୟରିଂ ପ୍ରତିଭାମାନେ ବାସ୍ତବ ଶିଳ୍ପ ସମସ୍ୟାଗୁଡିକର ସମାଧାନ କରିବେ, ଏକ ଉଦ୍ୟୋଗ ସ୍ତରରେ ଚି'ନ କରିବେ ଏବଂ ଭବିଷ୍ୟତର ଟେକ୍ନୋଲୋଜି ଲିଡରରେ ପରିଣତ ହେବା ଦିଗରେ ନିଜର ପ୍ରଥମ ପଦକ୍ଷେପ ଗ୍ରହଣ କରିବେ। ହ୍ୟାକାଥନରେ ଅଂଶଗ୍ରହଣକାରୀ ଲମାନେ ବ୍ୟାଙ୍କିଙ୍ଗ, ବୀମା, ସ୍ୱାସ୍ଥ୍ୟସେବା, ଜୀବନ ବିଜ୍ଞାନ, ରିଟେଲ, ଉତ୍ପାଦନ, ଯୋଗାଯୋଗ, ମିଡିଆ ଓ ଟେକ୍ନୋଲୋଜି ଏବଂ ଏନର୍ଜି ଓ ୟୁଟିଲିଟି ଭଳି ଉଚ୍ଚ ପ୍ରଭାବଶାଳୀ କ୍ଷେତ୍ରଗୁଡିକରେ ସମାଧାନ ନିର୍ମାଣ କରିବେ। ଏହି ହ୍ୟାକାଥନ ମହିଳାଙ୍କ ୫୦% ଯୋଗଦାନ ସହିତ ସମାନ ପ୍ରତିନିଧିତ୍ୱକୁ ସୁଦୃଢ଼ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀ କଲେଜ ଏଠାରେ ୪ ଜଣ ସଦସ୍ୟ ବିଶିଷ୍ଟ ଏକାଧିକ ଟିମ୍ ଉପସ୍ଥାପନ କରିପାରିବେ ଏବଂ ପ୍ରତ୍ୟେକ ଟିମ୍‌ରେ ସର୍ବନିମ୍ନ ଦୁଇ ଜଣ ମହିଳା ସଦସ୍ୟ ରହିବେ। ଏହି ହ୍ୟାକାଥନ ମେ' ମାସରେ ଶେଷ ହେବ ଏବଂ ଶୀର୍ଷ ୩ଟି ଟିମ୍‌କୁ ପୁନେସ୍ଥିତ କଗ୍ନିଜାଂଟ ଫ୍ୟାସିଲିଟିରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବିଜେତା ଘୋଷଣା କରାଯିବ।

# ଏଜିଆଇ ଇନଫ୍ରା ଲିମିଟେଡ୍ 'ୟୁଟୋପିଆ ବାଇ ଏଜିଆଇ' ଗ୍ରୁପ୍ ହାଉସିଂ ପ୍ରୋଜେକ୍ଟ ପାଇଁ ଜିଏମଏଡିଏ ଲାଇସେନ୍ସ ପାଇଛି

ଭୁବନେଶ୍ୱର, ୧୫।୪ (ନି.ପ୍ର) : ଆବାସିକ ଏବଂ ବାଣିଜ୍ୟିକ ରିଅଲ୍ ଇଷ୍ଟେଟ୍ ବିକାଶରେ ବିଶେଷଜ୍ଞ ଏକ ଅଗ୍ରଣୀ କମ୍ପାନୀ ଇଏଓ ଇନଫ୍ରା ଲିମିଟେଡ୍ ଘୋଷଣା କରିଛି ଯେ ଏହା ଲାଇସେନ୍ସ ନମ୍ବର ପାଇଛି । ଗ୍ରେଟର ମୋହାଲି ଏରିଆ ଡେଭଲପମେଟ୍ ଅଥରିଟି ତରଫରୁ ଏଲ୍‌ସିଡି - ୧୦୧/୨୦୨୬ ତାରିଖ ମାର୍ଚ୍ଚ ୩୧, ୨୦୨୬, ଏହାର ଗ୍ରୁପ୍ ହାଉସିଂ କଲୋନୀ, 'ୟୁଟୋପିଆ ବାଇ ଏଜିଆଇ'ର ବିକାଶ ପାଇଁ ନୂଆଦିଲ୍ଲୀ ଚଣ୍ଡିଗଡ଼ରେ କମ୍ପାନୀର ପ୍ରଥମ ପ୍ରକଳ୍ପକୁ ଚିହ୍ନିତ କରିଛି। ଏପ୍ରିଲ୍ ୧, ୨୦୨୬ ରେ କମ୍ପାନୀ ଦ୍ୱାରା ଲାଇସେନ୍ସ ଗ୍ରହଣ କରାଯାଇଥିଲା । ନ୍ୟୁ ଚଣ୍ଡିଗଡ଼ର ଏକ ପ୍ରିମିୟମ୍ ଆବାସିକ ଅଂଚଳରେ ୧୦.୨୬ ଏକର ମାପ କରୁଥିବା ଏକ ଜମି ପାର୍ସଲରେ ଏହି ପ୍ରକଳ୍ପ ବିକଶିତ ହେବ। 'ୟୁଟୋପିଆ ବାଇ ଏଜିଆଇ' ପ୍ରାୟ ୩୧,୯୩,୬୯୭ ବର୍ଗଫୁଟର ଏକ ବିକ୍ରୟ ଯୋଗ୍ୟ କ୍ଷେତ୍ର ପ୍ରଦାନ କରିବ ଏବଂ ୩ବିଏଚ୍‌କେ, ୪ ବିଏଚ୍‌କେ, ଏବଂ ୫ ବିଏଚ୍‌କେ ୟୁନିଟ୍ ସହିତ ଏକାଧିକ ବିନ୍ୟାସରେ ୬୬୧ ଆବାସିକ ଫ୍ଲାଟକୁ ନେଇ ଗଠିତ ହେବ। ଏହା ସହିତ ବାସିନ୍ଦାଙ୍କ ପାଇଁ ସୁଚିନ୍ତିତ ଭାବରେ ଯୋଜନା କରାଯାଇଥିବା ସୁବିଧା ଏବଂ ସୁବିଧା ମଧ୍ୟ ରହିବ। 'ୟୁଟୋପିଆ ବାଇ ଏଜିଆଇ' ନୂତନ ଚଣ୍ଡିଗଡ଼ ମାଇକ୍ରୋ-ମାର୍କେଟରେ ଏଜିଆଇ ଇନଫ୍ରା ଲିମିଟେଡର ରଣନୀତିକ ପ୍ରବେଶକୁ ପ୍ରତିନିଧିତ୍ୱ କରେ ଏବଂ ଏକ ବୃହତ ଆକାରର ପ୍ରିମିୟମ୍ ଗୃହ ବିକାଶ ସହିତ ଏହାର ଆବାସିକ ପ୍ରକଳ୍ପ ପୋର୍ଟଫୋଲିଓକୁ ମଜବୁତ କରେ ।

# ଅକ୍ଷୟ ତୃତୀୟା ପାଇଁ ଆମାଜନ ଫେଶନ୍‌ରେ ଏଆଇ-ଚାଳିତ ଅଳଙ୍କାର ସମ୍ଭାର

ଭୁବନେଶ୍ୱର, ୧୫।୪ (ନି.ପ୍ର) : ଚଳିତ ବର୍ଷ, ଆମାଜନ୍ ଫେସନ ଗ୍ରାହକମାନଙ୍କୁ ଅକ୍ଷୟ ତୃତୀୟା ଅଳଙ୍କାର କିଣାକିଣି ପାଇଁ ସୁନା ମୁଦ୍ରା ଏବଂ ପ୍ରତିଦିନର ସୂକ୍ଷ୍ମ ଅଳଙ୍କାର ଭଳି ପାରମ୍ପରିକ ଏବଂ ଶୁଭ ନିବେଶ ପାଇଁ ସୁଯୋଗ ଯୋଗାଇ ଦେଉଛି। ଟେକ୍ନୋଲୋଜି-ନେତୃତ୍ୱାଧୀନ ଏଆଇ-ଚାଳିତ ଆବିଷ୍କାର ଉପକରଣ ଗ୍ରାହକ ମାନଙ୍କ ସୁନା କ୍ରୟକୁ ଆହୁରି ସହଜ କରିଦେଇଛି। ଜୋୟାଲୁକାସ୍, ପି.ସି. ଚନ୍ଦ୍ରା ଜୁଏଲର୍ସ, ମିଆ ବାଏ ତନିସ୍କ, ଜିଭା ଏବଂ ପିଏନଜି ଜୁଏଲର୍ସ ସମେତ ବିଶ୍ୱସ୍ତ ବ୍ରାଣ୍ଡର ବିସ୍ତୃତ ଚୟନ ସହିତ, ଆମାଜନ୍ ଫେସନ ଗ୍ରାହକମାନଙ୍କ ପାଇଁ କିଣାକିଣି କରିବା ଆହୁରି ସହଜ କରିଦେଇଛି। ଆମାଜନ ପେ ୟୁପିଆଇ ମାଧ୍ୟମରେ କରାଯାଇଥିବା ଡିଜିଟାଲ୍ ସୁନା କ୍ରୟ ଉପରେ ପୁରସ୍କାର ଯେପରିକି, ପ୍ରାଇମ୍ ସଦସ୍ୟମାନେ ୨% କ୍ୟାସବ୍ୟାକ୍ ଏବଂ ଅଣ-ପ୍ରାଇମ୍ ସଦସ୍ୟମାନେ ୧% ପାଇଁ ଯୋଗ୍ୟ ବିବେଚିତ। ଗ୍ରାହକମାନେ ଜିଭା, ଜୋୟାଲୁକ୍କାସ୍ ଡାଇମଣ୍ଡ, ତନିଷ୍କ ଗୋଲ୍ଡ ଏବଂ କଲ୍ୟାଣ ଗୋଲ୍ଡ ଜୁଏଲରୀ ଭଳି ପ୍ରମୁଖ ଅଳଙ୍କାର ବ୍ରାଣ୍ଡରୁ ଉପହାର କାର୍ଡରେ ୧୩% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ମଧ୍ୟ ଉପଭୋଗ କରିପାରିବେ।

ଅକ୍ଷୟ ତୃତୀୟା ଅଳଙ୍କାର କିଣାକିଣିକୁ ସହଜ କରିବା ପାଇଁ, ଆମାଜନ୍ ଫେସନ ଏଆଇ-ଚାଳିତ ଆବିଷ୍କାର ଉପକରଣ ପ୍ରଦାନ କରେ ଯାହା ଗ୍ରାହକମାନଙ୍କୁ କିଛି ସେକେଣ୍ଡରେ ସେମାନଙ୍କର କାର୍ଟକୁ କ୍ୟୁରେଟ୍ କରିବାକୁ ଅନୁମତି ଦିଏ। ଆମାଜନର ଏଆଇ ସପିଂ ଆସିଷ୍ଟଂଟ ରୁଫସ ସହିତ, କ୍ରେତାମାନେ 'ମୋତେ ହଳଦିଆ ସୁନା ଷ୍ଟଡ୍ କାନଫୁଲ ଦେଖାନ୍ତୁ' କିମ୍ବା '୧୫୦୦୦-୧୭୦୦୦ ଟଙ୍କା ରେରେ ଲ୍ୟାବରେ ଉତ୍ପନ୍ନ ହୀରା ପେଣ୍ଡାଂଟ' ଭଳି ସରଳ କଥାବାର୍ତ୍ତା ପ୍ରଶ୍ନ ମାଧ୍ୟମରେ ଉପଯୁକ୍ତ ସୁପାରିଶ ପାଇପାରିବେ। ରୁଫସ୍ ଏକ ୩୦ରୁ ୯୦-ଦିନର ମୂଲ୍ୟ ଇତିହାସ ଟ୍ରାକର ମଧ୍ୟ ପ୍ରଦାନ କରେ, ଯାହା ଗ୍ରାହକମାନଙ୍କୁ ଉତ୍ପାଦ ବିବରଣୀ ପୃଷ୍ଠାରେ 'ମୂଲ୍ୟ ଇତିହାସ' ବିକଳ୍ପ ଉପରେ କେବଳ ଏକ କ୍ଲିକ୍ କରି ସ୍ମାର୍ଟ ସପିଂ ନିଷ୍ପତି ନେବାକୁ ଅନୁମତି ଦିଏ। କିମ୍ବା କେବଳ ପଚାରନ୍ତୁ, 'ଏହି ଉତ୍ପାଦଟି ଗତ ୩୦ ଦିନରେ ବିକ୍ରୟ ହୋଇଛି କି? ରୁଫସ୍ ବର୍ତ୍ତମାନର ମୂଲ୍ୟ, ସାମ୍ପ୍ରତିକ ସର୍ବୋଚ୍ଚ ମୂଲ୍ୟ ଏବଂ ସାମ୍ପ୍ରତିକ ସର୍ବନିମ୍ନ ମୂଲ୍ୟ ସମେତ ବିବରଣୀ ସହିତ ଉତର ଦେବ। ଗ୍ରାହକମାନେ ରୁଫସ୍ କୁ ନିୟମିତ ଭାବରେ ମୂଲ୍ୟ ଯାଂଚ କରିବାକୁ ଏବଂ ଆପଣଙ୍କୁ ସତର୍କ କରିବାକୁ କିମ୍ବା ଜିନିଷଟି ଆପଣଙ୍କ ମୂଲ୍ୟ ଲକ୍ଷ୍ୟରେ ପଂହଚିବା ପରେ ଆପଣଙ୍କର ଡିଫଲ୍ଟ ଦେୟ ପଦ୍ଧତି ବ୍ୟବହାର କରି ଆପଣଙ୍କର କ୍ରୟ ସମାପ୍ତ କରିବାକୁ କହିପାରିବେ। କେବଳ କୁହନ୍ତୁ 'ଏହି ପେଣ୍ଡାଂଟ ୧୦,୯୯୯ ଟଙ୍କା ହେଲେ ଏକ ମୂଲ୍ୟ ସତର୍କତା ସେଟ୍ କରନ୍ତୁ,' କିମ୍ବା 'ଏହି ଅଳଙ୍କାର ସେଟ୍ ୨୫,୦୦୦ ଟଙ୍କା କିମ୍ବା ତା'ଠାରୁ କମ୍ ହେଲେ କ୍ରୟ କରନ୍ତୁ।

# କୋକା-କୋଲା ଇଣ୍ଡିଆ ସହ ଦିଲଜିତ ଦୋସା ଏବଂ ଜାହ୍ନବୀ କପୁର ଯୋଡ଼ି ହେଲେ ଦୈନନ୍ଦିନ ଜୀବନର 'ହାଫ୍‌ଟାଇମ' ମୁହୂର୍ତ୍ତକୁ ଏକ ନୂଆ ରୂପ ଦେବାର ପ୍ରୟାସରେ

ଭୁବନେଶ୍ୱର, ୧୫।୪ (ନି.ପ୍ର): କୋକା-କୋଲା ଆଜି ଦିଲଜିତ୍ ଦୋସା ଏବଂ ଜାହ୍ନବୀ କପୁରଙ୍କୁ ନେଇ ଏକ ନୂତନ ଅଭିଯାନର ଘୋଷାଣା କରିଛି, ଯାହା ଦୈନନ୍ଦିନ ଜୀବନର ସାଧାରଣ ମୁହୂର୍ତ୍ତ ଗୁଡ଼ିକରେ 'କୋକା-କୋଲା ହାଫ୍‌ଟାଇମ'ର ଧାରଣାକୁ ଜୀବନ୍ତ କରିବ। ଏହି ଚି'ାଧାରାଟି ସେହି ବିଶ୍ୱାସ ଉପରେ ଆଧାରିତ ଯେ ହାଫ୍‌ଟାଇମ କେବଳ ଦିନଟିକୁ କିଛି ସମୟ ପାଇଁ ଅଟକାଇବା ଉଚ୍ଚିତ୍ ନୁହେଁ ବରଂ ଏହା ଆପଣଙ୍କୁ ପୁଣି ଥରେ ସଜାଗ କରିବା ଉଚ୍ଚିତ୍। ନିଜର ସ୍ୱାଦିଷ୍ଟ ଏବଂ ସତେଜ ଅନୁଭୂତି ସହିତ କୋକା-କୋଲା ଏକ ମାନସିକ ଶାନ୍ତି ପ୍ରଦାନକାରୀ ବିରତିର ଭୂମିକା ଗ୍ରହଣ କରେ, ଯାହା ଦୈନନ୍ଦିନ ଅନୁଭୂତି ମଧ୍ୟରେ ଉଷ୍ମତା ଏବଂ ସମ୍ପର୍କ ସୃଷ୍ଟି କରିଥାଏ।ଏହା ଏକ ସରଳ ତଥା ସହଜ ରୀତିରେ ପରିଣତ ହୁଏ- ଏକ ଛୋଟ ଅଥଚ୍ ପ୍ରଭାବଶାଳୀ ହାଫଂଟାଇମ, ଯାହା ଲୋକଙ୍କୁ ବର୍ତମାନରେ ରହିବାକୁ, ଆଖପାଖର ଲୋକଙ୍କ ସହ ଅଧିକ ନିବିଡ଼ ହେବାକୁ ଏବଂ ନିଜ ପରିବେଶ ସହିତ ଯୋଡ଼ି ହେବାକୁ ସାହାଯ୍ୟ କରେ। କାର୍ତିକ ସୁବ୍ରମଣ୍ୟମ, ବରିଷ୍ଠ ନିର୍ଦ୍ଦେଶକ, ମାର୍କେଟିଙ୍ଗ, କୋକା-କୋଲା ଇଣ୍ଡିଆ ଆଣ୍ଡ ସାଉଥୱେଷ୍ଟ ଏସିଆ କହିଛନ୍ତି, 'ଆଜିର ଗ୍ରାହକ ମାନେ ପୂର୍ବ ଅପେକ୍ଷା ବହୁ ବ୍ୟସ୍ତବହୁଳ ଜୀବନ ବିତାଉଛନ୍ତି। ତଥାପି, ସେମାନେ ଏପରି କିଛି ଛୋଟ ଏବଂ ଅର୍ଥପୂର୍ଣ୍ଣ ବିରତିକୁ ଗୁରୁତ୍ୱ ଦିଅନ୍ତି ଯାହା ସେମାନଙ୍କୁ ବର୍ତମାନ ସହିତ ଯୋଡ଼ି ରଖିବାରେ ସାହାଯ୍ୟ କରେ। କୋକା-କୋଲା ଦୀର୍ଘ ଦିନ ଧରି ଏହି ଦୈନନ୍ଦିନ ଅଭ୍ୟାସର ଅଂଶବିଶେଷ ହୋଇ ରହିଆସିଛି ଏବଂ ଏହି ଅଭିଯାନ ସେହି ସରଳ ହାଫଟାଇମ ମୁହୂର୍ତ୍ତକୁ ସେଲିବ୍ରେଟ ବା ପାଳନ କରୁଛି।ଭିଏମଏଲ ଦ୍ୱାରା ପରିଚାଳିତ ଡ଼ବ୍ଲୁପିପି ଓପନ ଏକ୍ସ ଦ୍ୱାରା ପରିକଳ୍ପିତ, ଏହି ଚ଼ଳଚ୍ଚିତ୍ର ଗୁଡ଼ିକ ଆମର ସେହି ମୁହୂର୍ତ୍ତ ଗୁଡ଼ିକୁ ପ୍ରଦର୍ଶିତ କରୁଛି, ଯେତେବେଳେ ଆମେ ଶାରୀରିକ ଭାବେ ଉପସ୍ଥିତ ଥାଉ କିନ୍ତୁ ମାନସିକ ଭାବେ ଅନ୍ୟ କେଉଁଠାରେ ହଜି ଯାଇଥାଉ। ଦିଲଜିତ୍ ଦୋସା ନିଜର ରିହର୍ସାଲ୍ ସମୟରେ ହେଉ କିମ୍ବା ଜାହ୍ନବୀ କପୁର ନିଜ ବନ୍ଧୁମାନଙ୍କ ସହ ଥିବା ସମୟରେ ତଥା ନିଜ ଚି଼ନ୍ତାରେ ବୁଡ଼ି ରହିଥିବା ସମୟରେ, କୋକା-କୋଲା ଏକ ସତେଜ ସ୍ପାର୍କ ବା ଝଟକା ଭାବରେ କାମ କରେ। ଏହାର ଗୋଟିଏ ସିପ୍ ଦୁନିଆକୁ ପୁଣି ଥରେ ଦୃଷ୍ଟିକୁ ଆଣିଥାଏ। ଚ଼ଳଚ୍ଚିତ୍ର ସମ୍ପର୍କରେ ମତବ୍ୟକ୍ତ କରି ନକୁଳ ଶର୍ମା ଏବଂ ତୀର୍ଥ ଘୋଷ, ଏକ୍ସିକ୍ୟୁଟିଭ କ୍ରିଏଟିଭ ଡ଼ାଇରେକ୍ଟର, ଭିଏମଏଲ କହିଛନ୍ତି, 'ଆମ ପାଇଁ ଏହି ଅଭିଯାନ ଏକ ସାର୍ବଜନୀନ ସତ୍ୟକୁ ବାନ୍ଧି ଧରିରଖିବା ପାଇଁ ଥିଲା। ଆମେ ସମସ୍ତେ ବର୍ତମାନରେ ବଂଚିବାକୁ ଚ଼ାହୁଁ, କିନ୍ତୁ ଆଧୁନିକ ଜୀବନ ଆମକୁ ସେଥିରୁ ଦୂରେଇ ନିଏ। ଆମେ ଦେଖାଇବାକୁ ଚ଼ାହୁଁଥିଲୁ ଯେ କୋକା-କୋଲା କେବଳ ଏକ ପାନୀୟ ନୁହେଁ ଏହା ପୁନଃସଂଯୋଗରଏକ ସୂକ୍ଷ୍ମ ମୁହୂର୍ତ୍ତ। ଦିଲ୍ଲୀ, ପାବ, ଉତରପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ଏବଂ କର୍ଣ୍ଣାଟକ ଭଳି ପ୍ରମୁଖ ବଜାରରେ ଏହି ଅଭିଯାନ ଆରମ୍ଭ କରାଯାଉଛି। ଏହା ଟେଲିଭିଜନ, ଡ଼ିଜିଟାଲ ଏବଂ ସୋସିଆଲ ମିଡ଼ିଆରେ ମଧ୍ୟ ଉପଲବ୍ଧ ହେବ। ପୁନର୍ବାର ଏହି ଅଭିଯାନ ସ୍ଥାନୀୟ ଗଳ୍ପ କାହାଣୀକୁ ଦିଲଜିତ୍ ଦୋସାଙ୍କ ସହିତ ଉର୍ଦ୍ଧ୍ୱକୁ ଆଣିଛି ଯେଉଁ ଚ଼ଳଚ୍ଚିତ୍ର ଗୁଡ଼ିକ ଦିଲ୍ଲୀ, ପାବ, ଉତରପ୍ରଦେଶ ଏବଂ ମହାରାଷ୍ଟ୍ରରେ ଚ଼ଳୁଅଛି, ଯେତେବେଳେକି ଜାହ୍ନବୀ କପୁର ତାମିଲ ଭାଷାରେ ଏହାର ବିଷୟବସ୍ତୁକୁ ଆଣିଛନ୍ତି ଯାହାକି କର୍ଣ୍ଣଡ଼ ଚ଼ଳଚ୍ଚିତ୍ରର ଏକ ଉତ୍ସର୍ଗୀକୃତ ଅଂଶବିଶେଷ। ଏହି ଅଭିଯାନରେ ଡ଼ନ୍ ଭଟ୍ଟଙ୍କ ଦ୍ୱାରା ଅସଲି ସାଉଣ୍ଡ ଟ୍ରାକ୍ ବ୍ୟବହାର କରାଯାଇଛି, ଯେଉଁଥିରେ ବିବେକ ହରିହରନ୍ ଏବଂ ଆରିଫା ରେବେଲୋ କଣ୍ଠଦାନ କରିଛନ୍ତି। ଏହି ସ୍ଥାନୀୟ କାହାଣୀ ଗୁଡ଼ିକ ମାଧ୍ୟମରେ କୋକା-କୋଲା ଗ୍ରାହକ ମାନଙ୍କସହିତ ନିଜର ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି।



### ସିବିଏସଇ ଦଶମ ରେଜଲ୍ଟ

# ଜେମ୍ସ ସ୍କୁଲର ଶତ ପ୍ରତିଶତ ସଫଳତା



## ୯୮% ରଖି ଅଂଶୁମାନ ସ୍କୁଲ ଟପ୍ପର

ବ୍ୟାସନଗର,୧୫।୪(ନି.ପ୍ର.): ଚଳିତବର୍ଷ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ରେଜଲ୍ଟ ପ୍ରକାଶ ପାଇଛି. ଏଥିରେ ଯାଜପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅଗ୍ଲୋରିୟସ ଇଂଲିସ ମିଡିୟମ ସ୍କୁଲ ର ପରୀକ୍ଷାର୍ଥୀ ମାନେ ଶତ ପ୍ରତିଶତ ରେଜଲ୍ଟ କରି ପାଶ୍ କରିଛନ୍ତି । ଅଂଶୁମାନ ସିଂ ୯୮ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ, ଅର୍ପିତା ଦାଶ ୯୭.୨ ପ୍ରତିଶତ ଏବଂ ମିତ୍ରାଂଶୁ ପତି ୯୭ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ହୋଇଛନ୍ତି.

ଚଳିତ ବର୍ଷ ଜେମ୍ସ ସ୍କୁଲର ସର୍ବମୋଟ ୭୭ ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ୧୪ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୪୨ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ବାକି ସମସ୍ତେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ପାଶ୍ କରିଥିବା ଜଣା ପଡିଛି ।

ଜେମ୍ସ ର ଏହି ସଫଳତା ପାଇଁ ସ୍କୁଲ ଚେୟାରମାନ ଦେବେନ୍ଦ୍ର ନାଥ ପତି, ଫାଉଣ୍ଡର ଡ. ଅଭୟ ପତି ଏବଂ ସଭାପତି ଆଡଭୋକେଟ ଅସ୍ମିତା ପତି ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଅଶେଷ ଧନ୍ୟବାଦ ଦେଇଛନ୍ତି.

ସ୍କୁଲର ପ୍ରିନ୍ସପାଲ ନିରଞ୍ଜନ ପାଣିଗ୍ରାହୀ ଏହା ସାମଗ୍ରିକ ଭାବେ ହୋଇଥିବା ପ୍ରଚେଷ୍ଟା ଯୋଗୁ ସମ୍ଭବ କହିଥିବା ବେଳେ, ଭାଇସ ପ୍ରିନ୍ସପାଲ ସରୋଜ ସାହୁ, କୋର୍ କମିଟି ମେମ୍ବର ରଶ୍ମିରେଖା ମଲ୍ଲିକ, ଶ୍ରୀକାନ୍ତ ପାତ୍ର, ରଞ୍ଜନ ସାହୁ, ବିଶ୍ୱରଞ୍ଜନ ଜେନା, ଧର୍ମେନ୍ଦ୍ର ବେହେରା, ସେକେଣ୍ଡାରୀ ଏବଂ ହାଇଅର୍ ସେକେଣ୍ଡାରୀର ଆଶୁତୋଷ ମିଶ୍ର, ଅରବିନ୍ଦ ଦାସ, ନୀଳିମା କର ପ୍ରମୁଖ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ସେମାନଙ୍କର ଅଧ୍ୟବସାୟ ଏବଂ ପାଠପଢା ପ୍ରତି ରହିଥିବା ରୁଚ୍ଚି ଯୋଗୁ ଏହା ସମ୍ଭବ ବୋଲି କହିବା ସହ ସବୁ ବର୍ଷ ପରି ଏ ବର୍ଷର ରେଜଲ୍ଟ ସଫଳତାରେ ମଧ୍ୟ ସମସ୍ତେ ଖୁସୀ ଥିବା କହିଛନ୍ତି ।


## ଅଭିନନ୍ଦନ



ନିର୍ଭୀକ ଓ ନିରପେକ୍ଷ ଓଡ଼ିଆ ସମ୍ବାଦପତ୍ର 'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଦିବସ ତଥା ଓଡ଼ିଆ ନବବର୍ଷ ଅବସରରେ ଗଞ୍ଜାମ ଓ ଗଜପତି ଅଂଚଳର ସମସ୍ତ କୃଷକ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରୁଛି।

**ଶ୍ରୀ ଶିବରାମ ପାତ୍ର**
ବିସିସି ବ୍ୟାଙ୍କ ସଭାପତି ବ୍ରହ୍ମପୁର

## ଅଭିନନ୍ଦନ

ନିର୍ଭୀକ ଓ ନିରପେକ୍ଷ ଓଡ଼ିଆ ସମ୍ବାଦପତ୍ର 'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଦିବସ ଅବସରରେ ଲାଠୀ ପଂଚାୟତର ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।



**ଶ୍ରୀ ରାଧାମୋହନ ସେଠୀ**
ସରପଞ୍ଚ,
ଲାଠୀ ଗ୍ରାମପଂଚାୟତ, କୁକୁଡ଼ାଖଣ୍ଡି ବ୍ଲକ

## ଅଭିନନ୍ଦନ



ନିର୍ଭୀକ ଓ ନିରପେକ୍ଷ ଓଡ଼ିଆ ସମ୍ବାଦପତ୍ର 'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ପାଠକ, ପାଠିକାମାନଙ୍କୁ ହାର୍ଦ୍ଦିକ ଶୁଭକାମନା ସହ ସଂସ୍ଥାର ଉତରୋତର ଉନ୍ନତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

**ଅଶୋକ କୁମାର ପଟ୍ଟନାୟକ**
ଜି.ପି.ଡ଼ି.ଓ, କୁକୁଡ଼ାଖଣ୍ଡି ବ୍ଲକ

## ଅଭିନନ୍ଦନ

ନିର୍ଭୀକ ଓ ନିରପେକ୍ଷ ଓଡ଼ି ସମ୍ବାଦପତ୍ର 'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ପାଠକ, ପାଠିକାମାନଙ୍କୁ ହାର୍ଦ୍ଦିକ ଶୁଭକାମନା ସହ ସଂସ୍ଥାର ଉତରୋତର ଉନ୍ନତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।



**ଶ୍ରୀ ଏନ୍. ଗଙ୍ଗାଧର ପାତ୍ର**
ପ୍ରଦୀପ ସେନା ସଭାପତି
ସାଂସଦଙ୍କ ପ୍ରତିନିଧି,ରଙ୍ଗେଇଲୁଣ୍ଡା ବ୍ଲକ

## ଅଭିନନ୍ଦନ



ଦୈନିକ ଖବର କାଗଜ 'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଦିବସ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

"ଆସନ୍ତୁ ଆମେ ଜଙ୍ଗଲ, ଜଳ, ଜନ୍ତୁର ସୁରକ୍ଷା ପାଇଁ ଶପଥ ନେବା ।"

**ଶ୍ରୀ ସାଗର କୁମାର ପାତ୍ର**
ସଭାପତି, ଆଞ୍ଚଳିକ ବିକାଶ ପରିଷଦ



## ଶୁଭେଚ୍ଛା ବାର୍ତ୍ତା

ନିର୍ଭୀକ ଓ ନିରପେକ୍ଷ ଓଡ଼ିଆ ସମ୍ବାଦପତ୍ର 'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ପାଠକ, ପାଠିକାମାନଙ୍କୁ ହାର୍ଦ୍ଦିକ ଶୁଭକାମନା ସହ ସଂସ୍ଥାର ଉତରୋତର ଉନ୍ନତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।



**ସନାତନ ବେହେରା**
୧୫ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ, ଗଞ୍ଜାମ ବ୍ଲକ୍


# ପାରାଦୀପ ବନ୍ଦର ପକ୍ଷରୁ ଡକ୍ଟର ବି.ଆର. ଆମ୍ବେଦକରଙ୍କ ଜୟନ୍ତୀ



ପାରାଦୀପ,୧୪।୪: ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଅପ୍ରେଲ ୧୪ ତାରିଖ ମଙ୍ଗଳବାର ଦିନ ଆମ୍ବେଦକର ପାର୍କରେ ଅବସ୍ଥିତ ଭାରତ ରତ୍ନ ଡକ୍ଟର ବି.ଆର.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସ୍ମୃତି ଚାରଣ ସହିତ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି ।ଭାରତୀୟ ସମ୍ବିଧାନର ମୁଖ୍ୟ ସ୍ଥପତି ଏବଂ ସାମାଜିକ ନ୍ୟାୟ ଏବଂ ସମାନତାର ଜଣେ ପ୍ରମୁଖ ନେତା ଡକ୍ଟର ଆମ୍ବେଦକରଙ୍କୁ ସମ୍ମାନିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜାତି ନିର୍ମାଣ ଏବଂ ସମାଜର ସମସ୍ତ ବର୍ଗର ସଶକ୍ତିକରଣ ପାଇଁ ତାଙ୍କର ଅମୂଲ୍ୟ ଅବଦାନକୁ ଗଭୀର ସମ୍ମାନର ସହିତ ସ୍ମରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ, ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ,କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ ଙ୍କ ସମେତ ପାରାଦୀପ ବନ୍ଦର ର ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ଡକ୍ଟର ଆମ୍ବେଦକରଙ୍କ ନୀତି, ଐତିହ୍ୟ ଏବଂ ଏକ ସମାନତାପୂର୍ଣ୍ଣ ସମାଜର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଟି ଏସସି/ଏସଟି କଲ୍ୟାଣ ସଂଘର ସାଧାରଣ ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ ଏବଂ ଗଙ୍ଗାଧର ସେଠୀଙ୍କ ସହିତ ଆସୋସିଏସନର ଅନ୍ୟାନ୍ୟ ସଦସ୍ୟ, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ ପାରାଦୀପ ବନ୍ଦର ର କର୍ମଚାରୀମାନେ ମଧ୍ୟ ଯୋଗ ଦେଇଥିଲେ।

## ଘାଟିରେ ଓଲଟିଲା ଲୁହାପଥର ବୋଝେଇ ଟ୍ରକ

କୋଇଡା,୧୬।୪: ସୁନ୍ଦରଗଡ଼ ଜିଲ୍ଲା କୋଇଡା ମାଇନିଙ୍ଗ ସର୍କଲ ଅନ୍ତର୍ଗତ କାନ୍ତରକୋଇଡା ଘାଟିରେ ପୁଣି ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟି ଏକ ଜୀବନ ଲିଭିଯାଇଛି । ସୂଚନା ଅନୁଯାୟୀ, OD04N1466 ନମ୍ବରର ଟ୍ରକଟି କେ.ଜେ.ଏସ.ଟି (ଝଘଗ) ଖଣିରୁ ଲୁହାପଥର ବୋଝେଇ କରି ଧାମରା ପୋର୍ଟକୁ ଯାଉଥିବା ବେଳେ କାନ୍ତରକୋଇଡାର ବିପଦଜନକ ଘାଟି ରାସ୍ତାରେ ଓଲହାଉଥିବା ସମୟରେ ହଠାତ୍ ନିୟନ୍ତ୍ରଣ ହରାଇଥିଲା। ଫଳରେ ଟ୍ରକଟି ଘାଟି ତଳକୁ ଓଲଟି ପଡ଼ିଥିଲା। ଟ୍ରକରେ ବୋଝେଇ ହୋଇଥିବା ଲୁହାପଥର ତଳେ ଚାପିହୋଇ ଚାଳକଜଣକ ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଲୋକମାନେ ସହଯୋଗ କରିଥିବା ବେଳେ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

# ପାରାଦୀପ ବନ୍ଦର ଆନ୍ତଃ ବିଭାଗ କ୍ରିକେଟ ପ୍ରତିଯୋଗିତା



ପାରାଦୀପଜ,୧୪।୪: ପାରାଦୀପ ବନ୍ଦର ଅଧିକାରୀ ଓ କର୍ମଚାରୀ ମାନଙ୍କ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବାସହ ସେମାନଙ୍କ ମଧ୍ୟରେ ଭାଇଚାରା ବଜାଇ ରଖିବା ପାଇଁ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ହୋଇ ଯାଇଛି ଷଷ୍ଠ ଆନ୍ତଃ ବିଭାଗ କ୍ରିକେଟ ପ୍ରତିଯୋଗିତା। ଏହି ବନ୍ଧୁତ୍ୱପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଇଞ୍ଜିନିୟରିଂ ବିଭାଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ୍ ହରାଇ ୧୧୨ ରନ କରିଥିଲା । ଇଞ୍ଜିନିୟରିଂ ବିଭାଗ ତରଫରୁ ଅଜୟ ବେହେରା ସର୍ବାଧିକ ୩୪ ରନ କରିଥିଲେ ଓ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ବିଭାଗ ତରଫରୁ ପି କେ ଦଳାଇ ୪ଟି ୱିକେଟ ନେଇଥିଲାବେଳେ ଜବାବରେ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ବିଭାଗ ୯ଟି ୱିକେଟ୍ ହରାଇ ୯୩ ରନ କରି ପରାସ୍ତ ହୋଇଥିଲା । ଇଞ୍ଜିନିୟରିଂ ବିଭାଗ ମ୍ୟାଚ୍‌ଟିକୁ ୧୯ ରନରେ ବିଜୟିଲାଭ କରିଥିଲା । ଇଞ୍ଜିନିୟରିଂ ବିଭାଗ ତରଫରୁ ପ୍ରମୋଦ ନାୟକ ଓ ପରେଶ ଜେନା ପ୍ରତ୍ୟେକ ୩ଟି ୱିକେଟ୍ ନେଇଥିଲେ । ଏହି ଚିତାକର୍ଷକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଇଞ୍ଜିନିୟରିଂ ବିଭାଗ ଏ ବର୍ଷ ଚାମ୍ପିଅନ ହୋଇଥିବା ବେଳେ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ବିଭାଗ ରନରଅପ୍ ହୋଇଛି ।


10001/47/2627

## ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/10003/2/26-27/0004


Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

Editor : Sarat Raut

ସଂପାଦକ: ଶରତ ରାଉତ